# ବାଲ୍ୟବିବାହ ରୋକିବାକୁ ଶପଥ ନେଲେ ଗ୍ରାମବାସୀ

କୋରାପୁଟ,୧୯।୩(ଅମିତାଭ ବେହେରା )

ବିଜ୍ଞାନ ଯୁଗରେ ଅନେକ ସ୍ଥାନରେ ଏବେ ମଧ୍ୟ ନାରୀ ଅସୁରକ୍ଷିତ । ନାରୀ ବଢିଲେ ଦେଶ ବଢେ କୁହାଯାଉଥିଲେ ମଧ୍ୟ ଆଦିବାସୀ ବହୁଳ ଅଞ୍ଚଳରେ ନାରୀ ସୁରକ୍ଷିତ ନୁହନ୍ତି। ଏବେ ମଧ୍ୟ ବାଲ୍ୟବିବାହ ପରି କୁସଂସ୍କାର ଆଦିବାସୀ ଅଞ୍ଚଳରେ ରହିଛି। ବାଲ୍ୟ ବିବାହ ଯୋଗୁ ଏମାନେ କମ ବୟସରୁ ସାଂସାରିକ ଜୀବନରେ ବାନ୍ଧି ହୋଇଯାଆନ୍ତି। ଫଳରେ ସେମାନଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଏ। ନିଜର ସମସ୍ତ ନାର୍ଯ୍ୟ ଅଧିକାରରୁ ବଞ୍ଚିତ ହୋଇଥାନ୍ତି । ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ଦୀର୍ଘ ଦିନ ଧରି ସରକାରୀ ଓ ବେସରକାରୀସ୍ତରରେ ପ୍ରୟାସ ଜାରି ରହିଥିଲେ ମଧ୍ୟ ସଚେତନତାର ଅଭାବ ଓ ଝିଅପୁଅଙ୍କ ମଧ୍ୟରେ ଥିବା ଭେଦଭାବ ହେତୁ ଏଥିରୁ ସଫଳତା ମିଳିପାରୁନି । ଏବେ ବାଲ୍ୟ ବିବାହକୁ ରୋକିବା ପାଇଁ ଅଭିନବ ପ୍ରୟାସ କରୁଛି ଏକତା ସଙ୍ଗଠନ। କୋରାପୁଟ ଜିଲା ପରଜା ବେଡାପଦରର ସମଗ୍ର ଗ୍ରାମବାସୀଙ୍କୁ କାହାରିକୁ ବିବାହ ବୟସ ସୀମା ଅତିକ୍ରମ କରିବା ପୂର୍ବରୁ ବିବାହ ନ କରାଇବା ପାଇଁ ଶପଥ କରାଉଛି ଏହି ସଙ୍ଗଠନ। କୋରାପୁଟ ଜିଲାରେ ଝିଅମାନେ ୧୪-୧୫ ବର୍ଷ ବୟସରୁ ପାଠ ଛାଡ଼ିଦେଇଥାନ୍ତି। ଏହା ବାଲ୍ୟ ବିବାହର ସମ୍ଭାବନାକୁ ଅଧିକ ଶକ୍ତ କରୁଛି। ଏପରି ସ୍ଥିତିରେ ବାଲ୍ୟବିବାହ ବିରୋଧରେ ଏକତା ସଙ୍ଗଠନ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ଆଦିବାସୀ ଅଞ୍ଚଳରେ ସଚେତନ କରୁଛି। ଏଥିରୁ ସୁଫଳ ମିଳିପାରୁଛି ବୋଲି କହିଛନ୍ତି ଏକତା ସଙ୍ଗଠନ ପକ୍ଷରୁ ପରଜା ବେଡାପଦର ଗ୍ରାମରେ ସାଥୀ ଭାବେ କାର୍ଯ୍ୟ କରୁଥିବା ଈଶ୍ୱର ଜାନି। ଈଶ୍ୱରଙ୍କ ମତରେ ୧୮ ବର୍ଷ ବୟସରେ ବିବାହ ଝିଅମାନଙ୍କୁ ସକାରାତ୍ମକ ଜୀବନ ବଞ୍ଚିବାର ଅଧିକ ସୁଯୋଗ ଦେଇଥାଏ। କୋରାପୁଟ ଜିଲାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ମିଳିତ ପ୍ରୟାସରେ ଚାଇଲ୍ଡ ଲାଇନ ମାଧ୍ୟମରେ ଗତ ୫ ବର୍ଷ ମଧ୍ୟରେ ଅନେକ ବାଲ୍ୟବିବାହକୁ ରୋକାଯାଇପାରିଛି। ଏକତା ସଙ୍ଗଠନ ପ୍ରୟାସରେ ଦଶମନ୍ତପୁର ବ୍ଲକର ପରଜା ବେଡାପଦରର ନାବାଳିକା ଝିଅ ଉଷା ଜାନିଙ୍କ ବିବାହକୁ ବନ୍ଦ କରାଯାଇଥିଲା। ଏହା ସେତେବେଳେ ଚର୍ଚ୍ଚାର ବିଷୟ ପାଲଟିଥିଲା। ବାଲ୍ୟବିବାହ ରୋକାଯାଇ ପାରିଥିବା ଯୋଗୁ ଏହି ସଚେତନତାର ସ୍ୱର ଗ୍ରାମାଞ୍ଚଳରେ ବାଲ୍ୟ ବିବାହ ବିରୋଧରେ ଉଠିଥିବା ସ୍ୱରକୁ ଶକ୍ତ କରୁଛି ବୋଲି କହିଛନ୍ତି ୱାର୍ଡମେମ୍ବର ଦାନିଆ ମୁଦୁଲି। ତେବେ ପରଜା ବେଡାପଦର ଗ୍ରାମବାସୀ ଗ୍ରାମର ଝିଅମାନଙ୍କୁ ବିବାହ ବୟସ ନ ହେବା ପୂର୍ବରୁ ବିବାହ ନ କରାଇବାକୁ ଶପଥ ନେଇଛନ୍ତି ।



## ସଂକ୍ଷେପରେ

### ୨ କାର୍ ମୁହାଁମୁହିଁ ଧକ୍କା, ୬ ଗୁରୁତର



କୋଟପାଡ,୧୯।୩
(କେ. ରାଜଶେଖର ରାଓ)

କୋରାପୁଟ ଜିଲ୍ଲା କୋଟପାଡରେ ମଙ୍ଗଳବାର ଅପରାହ୍ନ ୫ଟାରେ ସହରଠାରୁ ୧୨ କି.ମି. ଦୂର ସର୍ଗିଗୁଡା ପଞ୍ଚାୟତଠାରେ ୨ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଏଥିରେ ୬ଜଣ ଗୁରୁତର ହୋଇଛନ୍ତି। କୋଟପାଡ଼ ଅଞ୍ଚଳରୁ ଜୟପୁର ଯାଉଥିବା ଏକ କାର ଅପରପାର୍ଶ୍ୱରୁ ଆସୁଥିବା କାର ସହ ଧକ୍କା ହୋଇଥିଲା। ଖବର ପାଇ କୋଟପାଡ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ଉଦ୍ଧାରକରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଗୁରୁତର ଥିବା ୩ ଜଣଙ୍କୁ ଜୟପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଉଭୟ କାର ନଂ. ଓଡ଼ି,୦୪ଏ-୮୭୯୬ ଓ ୟୁପି୯୩ ଏଏସ୍ଏଏସ-୦୯୦୯ ବୋଲି ଜଣାପଡିଛି। ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଉଭୟ କାରକୁ ଜବତ କରାଯାଇଛି।

### ହାଟକୁ ଯାଉଥିବା ପିକ୍ଅପ୍ ଭ୍ୟାନ୍ ଓଲଟି ୭ ଗୁରୁତର

ଗୁରୁତରଙ୍କୁ କୋରାପୁଟ ସ୍ଥାନାନ୍ତର

ନନ୍ଦପୁର, ୧୯।୩(ଶଙ୍କର ପୂଜାରୀ)

ପାଲିବା ହାଟକୁ ମଙ୍ଗଳବାର ବ୍ୟବସାୟ କରିବାକୁ ଏକ ପିକ୍ଅପ୍ ଭ୍ୟାନ୍‌ରେ ଯାଉଥିବା ବ୍ୟବସାୟୀ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। କଦମଗୁଡ଼ା ମୋଡ଼ ନିକଟରେ



ଭ୍ୟାନ୍ (ଓଡ଼ି୧୦ଏନ୍- ୭୮୭୩)ଟି ଭାରସ୍ୟାମ ହରାଇ ଓଲଟି ପଡ଼ିଥିଲା। ଏଥିରେ ୭ଜଣ ବ୍ୟବସାୟୀ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କୋରାପୁଟ ଏସ୍ଏଲ୍ଏନ୍ଏମ୍ସିକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରଙ୍କ ମଧ୍ୟରେ ୩ ଜଣ ମହିଳା ଅଛନ୍ତି। ସେମାନେ ହେଲେ ଭଟାବିର ଗ୍ରାମର କୌଶଲ୍ୟା ହନ୍ତାଳ, ମାଳତି ମାଟାମ ଓ ବବିତା ମାଟାମ। ଏନେଇ ଏସ୍ଆଇ ଦୀପ୍ତିମୟୀ ଧାରୁଆ ଗାଡ଼ି ମାଲିକଙ୍କୁ ଖବର ଦେଇଛନ୍ତି। ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ମମତା ପଣ୍ଡା କହିଛନ୍ତି।

# ୩ କରାଟେକାଙ୍କୁ ବେସ୍ ଇନ୍‌ସେଣ୍ଟିଭ ପୁରସ୍କାର

ସେମିଳିଗୁଡ଼ା,ସୁନାବେଡ଼ା,୧୯।୩
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ସେମିଳିଗୁଡ଼ା ଉତ୍କଳ କରାଟେ ସ୍କୁଲର ୩ କରାଟେକାଙ୍କୁ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି। ସେମାନେ ହେଲେ ଅକ୍ଷୟ ମହାନ୍ତି, ହର୍ଷଦ କୁମାର ଓ କୁମାରୀ ତୃପ୍ତିରାଣୀ ମହାନ୍ତି। ଓଡ଼ିଶା କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଓ ୟୁଥ୍ ସର୍ଭିସ୍ ପକ୍ଷରୁ ଅକ୍ଷୟ ଏବଂ ହର୍ଷଦଙ୍କୁ ନଗଦ ୩୦ ହଜାର ଟଙ୍କା ଲେଖାଏ ଏବଂ ତୃପ୍ତିରାଣୀଙ୍କୁ ୨୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରି ବେସ୍ ଇନ୍‌ସେଣ୍ଟିଭ ପୁରସ୍କାରରେ ପୁରସ୍କୃତ କରାଯାଇଛି। ଏହି ଉତ୍ସବରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ମୁଖ୍ୟ ନିର୍ବାହୀ ଅଧିକାରୀ ଦୀପଙ୍କର ମହାପାତ୍ରଙ୍କ ସମେତ ଅନ୍ୟମାନେ ଅତିଥି ରୂପେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ନଭେମ୍ବର ୧୮ ଓ ୧୯ ତାରିଖରେ ଜାତୀୟସ୍ତରୀୟ ସବ୍ ଜୁନିୟର କରାଟେ ଚାମ୍ପିୟନଶିପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସେମିଳିଗୁଡ଼ା କରାଟେ ସ୍କୁଲର ଅକ୍ଷୟ ଏବଂ ହର୍ଷଦ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ତୃପ୍ତିରାଣୀ ରୌପ୍ୟ ପଦକ ଜିତିଥିଲେ। ଏହି ପ୍ରତିଯୋଗୀମାନେ କୋଚ୍ ସେନ୍‌ସେଇ ରାଜେନ୍ଦ୍ର କେଶରୀ ସାମଲଙ୍କଠାରୁ ତାଲିମ ଗ୍ରହଣ କରୁଛନ୍ତି।




ପୁରସ୍କୃତ ହୋଇଥିବା ୩ କରାଟେକା।

# ବଡ଼ଯାତ୍ରାରେ ସଜେଇ ହୋଇଛି କୋରୁକୋଣ୍ଡା

କୋରୁକୋଣ୍ଡା ୧୯।୩(ଅବିନାଶ ବେହେରା)

## ଗ୍ରାମ ଦେବୀ ମା' ମାଉଳିଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼

କୋରୁକୋଣ୍ଡା ବ୍ଲକରେ ପ୍ରତି ୨ ବର୍ଷରେ ଥରେ ହୋଇଥାଏ ପ୍ରସିଦ୍ଧ ବଡ ଯାତ୍ରା । ବର୍ଷ ବର୍ଷ ଧରି ହେଉଥିବା ଏହି ଯାତ୍ରାରେ ବାଜା ରୋଷଣୀରେ ସତନ୍ତ୍ର ବିମାନ ଯୋଗେ ଆସନ୍ତି ଗ୍ରାମ ଦେବୀ ମା' ମାଉଳି। ଏଥିପାଇଁ କୋରୁକୋଣ୍ଡା ସଜାଇ ହୋଇଛି। ମା'ଙ୍କ ଦର୍ଶନ ଲାଗି ଭକ୍ତଙ୍କ ଭିଡ ଲଗୁଛି। କେଉଁ କାଳରୁ କୋରୁକୋଣ୍ଡା ଗ୍ରାମ ନିକଟରେ ଥିବା ପାହାଡ ଶିଖରରେ ରହନ୍ତି ମାଉଳି । ବିଭିନ୍ନ ପୂଜା ପର୍ବରେ ପୂଜକ ଯାଇ ମା'ଙ୍କୁ ସେଠାରେ ପୂଜାର୍ଚ୍ଚନା କରନ୍ତି । ହେଲେ ମା' ୨ ବର୍ଷରେ ଥରେ ପାହାଡ ଶିଖରରୁ ତଳକୁ ଓହ୍ଲାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ଭକ୍ତମାନେ ଏହାକୁ ମାଝ ମାଉଳି ବଡ ଯାତ୍ରା ରୂପେ ପାଳନ କରନ୍ତି । ମା'ଙ୍କ ପୂଜକ ବଳରାମ ପୂଜାରୀଙ୍କ କହିବା ଅନୁଯାୟୀ, ପୂର୍ବଜ ପୂଜକମାନେ ପ୍ରତେକ ଦିନ ପାହାଡ ଶିଖରରେ ଥିବା ମା'ଙ୍କ ଆସ୍ଥାନକୁ ଯାଇ ପୂଜା କରୁଥିଲେ। ବର୍ତ୍ତମାନ ଦୁଇ ବର୍ଷରେ ଥରେ ସେଠାକୁ ଯାଇ ମା'ଙ୍କୁ ଆବାହନ କରି ଆଣି ପାଦଦେଶରେ ପୂଜା କରାଯିବା ସହ ନଗର ଭ୍ରମଣ କରାଇ ଅସ୍ଥାୟୀ ମଣ୍ଡପରେ ବିରାଜ କରାନ୍ତି। ପ୍ରଥମ ଦିନ ମାଙ୍କ ବିଗ୍ରହ ଗଠନ ସହିତ ପାହାଡ ଶିଖରରେ ଥିବା ପୀଠକୁ ପୂଜକ ସମେତ ଅନେକ ଭକ୍ତ ଯାଇ ସେଠାରୁ ମା'ଙ୍କୁ ବରଣ କରି ଆଣି ମାଉଳି ମା ପାହାଡ ପାଦ ଦେଶରେ ସ୍ଥାପନା କରିଥିଲେ। ଏହା ସହିତ ଅଞ୍ଚଳର ବିଭିନ୍ନ ଗ୍ରାମରେ ପୂଜା ପାଉଥିବା ଗ୍ରାମ ଦେବୀଙ୍କୁ ବରଣ କରାଯାଇ ଓ ବହୁ ଗ୍ରାମଦେବୀ ନିଜ ନିଜ କାଳସ ଠାକୁର ଆବାହନ ହେଉଥିବା ଲାଠି ସହିତ ବଡ ଯାତ୍ରାରେ ଯୋଗ ଦେଇଥାନ୍ତି। ସେହିପରି



ପୂଜାର ଦିତୀୟ ଦିନରେ ମା' ସେଠାରେ ରହି ଭକ୍ତଙ୍କୁ ଦର୍ଶନ ଦେବା ସହ ଭୋଗ ଗ୍ରହଣ କରିଥାନ୍ତି। ସନ୍ଧ୍ୟାପରେ ଭକ୍ତଙ୍କ ଗହଳି ସହିତ ବିଭିନ୍ନ ପଟୁଆରରେ ମା' ଅସ୍ଥାୟୀ ମଣ୍ଡପ ମାଣ୍ଡିଆ ଭଟାକୁ ଆଗମନ କରନ୍ତି। ତୃତୀୟ ଦିନ ତମାମ ମଣ୍ଡିଆ ଭଟାରେ ମା'ଙ୍କୁ ଭକ୍ତ ମାନେ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥାନ୍ତି। ରାସ୍ତା ସାରା ମା' ରହି ଭୋଗ ଗ୍ରହଣ କରି ମନ୍ଦିର ସମ୍ମୁଖ ଅସ୍ଥାୟୀ ମଣ୍ଡପରେ ରାତି ୨ଟାରେ ପହଞ୍ଚି ଚତୁର୍ଥ ଓ ପଞ୍ଚମ ଦିନରେ ମନ୍ଦିର ନିକଟ ଅସ୍ଥାୟୀ ମଣ୍ଡପରେ ମା' ଭକ୍ତଙ୍କ ଭୋଗ ଗ୍ରହଣ କରିବା ସହିତ ଭକ୍ତମାନେ ମା'ଙ୍କ ଆଶିଷ ଲାଭ କରିଥାନ୍ତି। ଶେଷରେ ଯାତ୍ରା ପରଦିନ ସକାଳ ୪ ଟାରେ ମାଙ୍କୁ ବିଦାୟ ଦିଆଯାଏ।

## ମାଥାଲପୁଟ ପଞ୍ଚାୟତରେ ନୂଆ ଏଡିଓ

ଦାମନଯୋଡ଼ି,୧୯।୩
(ମାନସ ରଞ୍ଜନ କର)



ପଞ୍ଚାୟତର ଆୟବ୍ୟୟର ହିସାବ ପରିଚାଳନା ନିମନ୍ତେ ରାଜ୍ୟ ସରକାର ପଞ୍ଚାୟତସ୍ତରୀୟ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର (ଏଡିଓ) ନିଯୁକ୍ତ କରିଛନ୍ତି। ଏହି କ୍ରମରେ କୋରାପୁଟ ବ୍ଲକ ମାଥାଲପୁଟ ପଞ୍ଚାୟତରେ ଏଡିଓ ଭାବେ ଅମ୍ଭି କୁମାର ଖୋରା ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ସେମିଳିଗୁଡ଼ା ବ୍ଲକ ଦୁଧାରି ପଞ୍ଚାୟତରେ ଜିଆର୍ଏସ୍ ଭାବେ କାର୍ଯ୍ୟ କରୁଥିଲେ। ସରକାରୀ ନିୟମ ଅନୁସାରେ ପଞ୍ଚାୟତର ସମସ୍ତ ଆକାଉଣ୍ଟର ହିସାବପତ୍ର, ଫାଇଲ୍ ପରିଚାଳନା ଏବଂ ଡାଟା ଏଣ୍ଟ୍ରି ଆଦି ସମସ୍ତ କାର୍ଯ୍ୟ ସେ ସୁଚାରୁରୂପେ ସମ୍ପାଦନ କରିବେ ବୋଲି ଏହି ଅବସରରେ ଖୋରା କହିଛନ୍ତି।

## ଝିଅକୁ ଦିବ୍ୟାଙ୍ଗ ଭତ୍ତା ପାଇଁ ଜିଲାପାଳଙ୍କୁ ଗୁହାରି

ଫୁଲବାଣୀ/ଖଜୁରିପଡ଼ା,୧୯।୩
(ରାକେଶ ରାଉତ/ବିଦୁର ବେହେରା):

ଚକାପାଦ ବ୍ଲକ ଅନ୍ତର୍ଗତ ଅର୍ଚ୍ଚାଙ୍ଗି ଗ୍ରାମର ବିମଳ ବେହେରା ତାଙ୍କ ଝିଅ ସୁନୀତାଙ୍କ ଦିବ୍ୟାଙ୍ଗ ଭତ୍ତା କରାଇଦେବା ପାଇଁ ମଙ୍ଗଳବାର ଜିଲାପାଳଙ୍କୁ ଗୁହାରି କରିଛନ୍ତି। ସୁନୀତା ଜନ୍ମରୁ କଥା କହି ପାରନ୍ତି ନାହିଁ। ଏହାର ପ୍ରମାଣପତ୍ର ମଧ୍ୟ ଅଛି । ହେଲେ ତାଙ୍କୁ ଭତ୍ତା ମିଳୁନି।

# ଟ୍ରାଫିକ୍ ସମସ୍ୟା ତଦାରଖ କଲେ ଏସ୍‌ଡିପିଓ



ସହର ବୁଲି ତଦାରଖ କରୁଛନ୍ତି ଏସ୍‌ଡିପିଓ।

ଜୟପୁର,୧୯।୩ (ପବନ ପାଣିଗ୍ରାହୀ)

ଜୟପୁର ଏସ୍‌ଡିପିଓ ଭାବେ ଆଇପିଏସ୍ ଅଙ୍କିତ କୁମାର ବର୍ମା ମଙ୍ଗଳବାର ଦାୟିତ୍ୱ ନେଇଛନ୍ତି। ଦାୟିତ୍ୱ ନେବା ପରେ ପ୍ରଥମ ଦିନରେ ସେ ଜୟପୁର ସହର ବୁଲି ତଦାରଖ କରିଛନ୍ତି । ବର୍ମା ସହରର ଟ୍ରାଫିକ ସମସ୍ୟା ତଦାରଖ କରିଥିଲେ। ସହରର ମୁଖ୍ୟ ରାସ୍ତା, ଟ୍ରାଫିକ ଛକ, ୱେଲକମ୍ ଛକ, ରଜାନହର, ଏମ୍‌ଡି ରୋଡ୍ ଆଦି ବୁଲି ଦେଖିଥିଲେ। ଏହି ସମୟରେ ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ଥିଲେ।

# ପରିବେଶ ସଚେତନତା ବାର୍ତ୍ତା ଦେଉଛନ୍ତି ତୁଷାରକାନ୍ତ, ମନମୋହନ

## ସାଇକେଲରେ ରାଜକନିକା ବ୍ଲକରୁ ଆରମ୍ଭ କରିଛନ୍ତି ଯାତ୍ରା

ଦାମନଯୋଡି,୧୯।୩
(ମାନସ ରଞ୍ଜନ କର)

ପରିବେଶ ବଞ୍ଚାଅ ଓ ପ୍ରକୃତି ବଞ୍ଚାଅ ସଚେତନତା ବାର୍ତ୍ତା ନେଇ ଓଡ଼ିଶା ଭ୍ରମଣରେ ସାଇକେଲ ଯାତ୍ରାରେ ବାହାରିଛନ୍ତି ୨ ଛାତ୍ର। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅନ୍ତର୍ଗତ ବରଦା ଗ୍ରାମର +୩ ଦ୍ୱିତୀୟ ବର୍ଷ ଛାତ୍ର ତୁଷାରକାନ୍ତ ପଲେଇ ଓ ଆଇଟିଆଇ ପ୍ରଥମ ବର୍ଷ ଛାତ୍ର ମନମୋହନ ମଲ୍ଲିକ। ଉଭୟେ ଚଳିତ ମାର୍ଚ୍ଚ ୧୨ରୁ ଓଡ଼ିଶା ଭ୍ରମଣରେ କେନ୍ଦ୍ରାପଡ଼ାରୁ ବାହାରିଥିବା ବେଳେ ଉଭୟେ ୧୯ତାରିଖରେ କୋରାପୁଟ ଜିଲା ଦାମନଯୋଡି ଅଞ୍ଚଳରେ ପହଞ୍ଚିଥିଲେ। ଦାମନଯୋଡ଼ିରେ ପହଞ୍ଚିବା ପରେ ଉଭୟଙ୍କୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ମଣିଷ ଚାହିଁଲେ ସବୁ କିଛି ସମ୍ଭବ ହୋଇପାରିବ। ଏଥିପାଇଁ ଦୃଢ ଇଚ୍ଛାଶକ୍ତି ଓ ପ୍ରୟାସର ଆବଶ୍ୟକତା ରହିଛି। ଆମେ ସମସ୍ତେ ହାତରେ ହାତ ମିଶାଇ ପରିବେଶ ଓ ପ୍ରକୃତିକୁ ସୁରକ୍ଷା ଦେଇପାରିବା ବୋଲି କହିଛନ୍ତି ତୁଷାରକାନ୍ତ ଓ ମନମୋହନ। ଓଡ଼ିଶା ପରେ ଭାରତ ଯାତ୍ରା କରିବାର ଉଭୟେ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। ମଙ୍ଗଳବାର ଦାମନଯୋଡ଼ିରୁ ସେମାନେ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳି ଅଭିମୁଖେ ଯାତ୍ରା କରିଛନ୍ତି।




ସଚେତନତା ବାର୍ତ୍ତା ନେଇ ଭ୍ରମଣରେ ବାହାରିଥିବା ତୁଷାରକାନ୍ତ ଓ ମନମୋହନ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ହାଲ୍ କର୍ମଚାରୀ

ସୁନାବେଡ଼ା,୧୯।୩(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ହାଲ୍‌ରେ କାମ କରୁଥିବା ଭୀମସେନ ସିଦୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୋମବାର ସାକ୍ଷାତ କରିଛନ୍ତି। ସିଦୁ ପ୍ରତିରକ୍ଷା ବିଭାଗର ହାଲ୍ ସୁଖୋଇ ଇଞ୍ଜିନ ଡିଭିଜନରେ ଜଣେ କର୍ମଚାରୀ ରୂପେ କାର୍ଯ୍ୟ କରନ୍ତି। ସେ ମଧ୍ୟ ହାଲ୍ ଶ୍ରମିକ ସଙ୍ଗଠନ ଏଚ୍ଏଏମ୍ଏସ୍‌ର ପୂର୍ବତନ କୋଷାଧ୍ୟକ୍ଷ ଥିଲେ। ସିଦୁ ରାଷ୍ଟ୍ରପତିଙ୍କୁ ସାକ୍ଷାତ ବେଳେ ନିଜ ଅଞ୍ଚଳର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନାକରି ଆଗାମୀ ଦିନରେ କିପରି ବିଭିନ୍ନ ଦିଗରେ ଉନ୍ନତି ହୋଇପାରିବ ସେ ନେଇ ଆଲୋଚନା କରିଥିଲେ।



ରାଷ୍ଟ୍ରପତିଙ୍କ ସହ ଆଲୋଚନା କରୁଛନ୍ତି ସିଦୁ।

ଏହାବ୍ୟତୀତ ସେ ନିଜ ଅଞ୍ଚଳର ଲୋକଙ୍କ ଅସୁବିଧା, ବର୍ତ୍ତମାନର ଜୀବିକା ଓ ରୋଜଗାର ଅଭାବ ସମ୍ପର୍କରେ ସେ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# 'ଉଦୀୟମାନ ଭାରତରେ ପରିସଂଖ୍ୟାନର ଭୂମିକା' ଶୀର୍ଷକ ସେମିନାର

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ

କୋରାପୁଟ,୧୯।୩(ଅମିତାଭ ବେହେରା)

ଉଦୀୟମାନ ଭାରତରେ ପରିସଂଖ୍ୟାନର ଭୂମିକା @ ୨୦୪୭: ଶୀର୍ଷକ ଏକ ବହୁବିଭାଗୀୟ ଆଭିମୁଖ୍ୟ' ଶୀର୍ଷକ ଏକ ଦିନିକିଆ ଜାତୀୟ ସେମିନାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରେଜିଷ୍ଟ୍ରାର ଏନ୍.ସି. ପଣ୍ଡା, ସମ୍ମାନିତ ଅତିଥି ରୂପେ କୋଲକାତା ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଏସ୍.ବି.ବାଗ୍‌ଚୀ, କୋଲକାତାସ୍ଥିତ ଆଶୁତୋଷ କଲେଜର ପୂର୍ବତନ ମୁଖ୍ୟ ଡ. ତପତି ବାଗ୍‌ଚୀ, ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ତିରୁପତି ରାଓପାଡ୍, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ରଞ୍ଜିତା ପାଣ୍ଡେ ଓ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରିୟରଞ୍ଜନ ଦାଶ ଯୋଗଦେଇଥିଲେ। କୁଳପତି ପ୍ରଫେସର ତ୍ରିପାଠୀ ଭାରତୀୟ ଜ୍ଞାନ ଢାଞ୍ଚାରେ ପରିସଂଖ୍ୟାନର ଗୁରୁତ୍ୱ ଉପରେ ମତ ରଖି ଭାରତୀୟ ଶିକ୍ଷା ଓ ବିକାଶରେ ପରିସଂଖ୍ୟାନର ଯୋଗଦାନ ଉପରେ ଆଲୋଚନା କରିଥିଲେ। ପ୍ରଫେସର ବାଗ୍‌ଚୀ ଭାରତର ପରିସଂଖ୍ୟାନର ଇତିହାସ ଓ ଏହାର ଶିକ୍ଷାଗତ ଦିଗ ଉପରେ ସମୀକ୍ଷା କରିଥିଲେ। ପ୍ରଫେସର ରାଓପାଡ୍ ବିଭିନ୍ନ କ୍ଷେତ୍ରରେ ପରିସଂଖ୍ୟାନର ବିବିଧ ପ୍ରୟୋଗ ଏବଂ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ପ୍ରିୟରଞ୍ଜନ ଦାଶ ସ୍ୱାଧୀନତା ପୂର୍ବରୁ ଏପର୍ଯ୍ୟନ୍ତ ଭାରତରେ ପରିସଂଖ୍ୟାନର ଐତିହାସିକ ଗତି ଉପରେ ଆଲୋକପାତ କରିଥିଲେ। ପରିସଂଖ୍ୟାନ ବିଭାଗ ମୁଖ୍ୟ ଡ. ଗୁରଜିତ ସିଂ ୱାଲିଆ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ସୂଚନା ଦେଇଥିଲେ।



କୋଲକାତା ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଏସ୍.ବି.ବାଗ୍‌ଚୀଙ୍କୁ କୁଳପତି ସମ୍ମାନିତ କରୁଛନ୍ତି।

# ସୀମାନ୍ତବାସୀଙ୍କୁ ମତଦାନ ସାବ୍ୟସ୍ତ ନେଇ ସଚେତନ କଲା ପ୍ରଶାସନ

ପଟ୍ଟାଙ୍ଗି,୧୯।୩(ଶରତ ଧଳ)

ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ପୂର୍ବାପେକ୍ଷା ଅଧିକ ତତ୍ପରତା ପ୍ରକାଶ ପାଇଛି। ନିର୍ବାଚନ ସମୟରେ ଭୋଟର କିପରି ନିଜ ମତ ସାବ୍ୟସ୍ତ କରିବେ ସେନେଇ କୋରାପୁଟ ଜିଲା ଓ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ସୀମାନ୍ତବାସୀଙ୍କୁ ସଚେତନ କରିଛନ୍ତି। ଜିଲା ପ୍ରଶାସନ ପଟ୍ଟାଙ୍ଗି ବ୍ଲକ୍ କାର୍ଯ୍ୟାଳୟ ସହଯୋଗରେ ମଙ୍ଗଳବାର ବ୍ଲକ ସୀମାନ୍ତ କୋଟିଆ ପଞ୍ଚାୟତରେ ୨ଦିନ ଧରି ସଚେତନତା କାର୍ଯ୍ୟକ୍ରମ କରିଥିଲା। ଗୋଟିଏ ଦିନରେ ଓଡ଼ିଶା ଏବଂ ଆନ୍ଧ୍ରରେ ନିର୍ବାଚନ ହେଉଥିବାରୁ ଏହା ଜିଲା ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଥମ ଦିନରେ ଜିଲା ଏବଂ ବ୍ଲକ୍ ପ୍ରଶାସନ ଆନ୍ଧ୍ର ସୀମାନ୍ତକୁ ଲାଗିଥିବା ଫାଟୁସିନେରି, ମାଡକାର୍, କୋଟିଆ ଏବଂ ଗଞ୍ଜେଇପଦର ଗ୍ରାମରେ ବୁଥ୍ ସ୍ତରରେ



ଫାଟୁସିନେରିରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ମହିଳାଙ୍କୁ ଜିଲାପାଳ ଭି. କୀର୍ତ୍ତିଭାସନ ପୁରସ୍କୃତ କରୁଛନ୍ତି।

ବସବାସ କରୁଥିବା ଭୋଟରଙ୍କୁ ନିଜ ମତଦାନ କିପରି ସାବ୍ୟସ୍ତ କରିବେ ସେନେଇ ସଚେତନ କରିଥିଲେ। ଫାଟୁସିନେରି ଗ୍ରାମରେ ଜିଲାପାଳ ଭି. କୀର୍ତ୍ତି ଭାସନ ଯୋଗଦେଇ ଉପରୋକ୍ତ ଗ୍ରାମବାସୀଙ୍କୁ ନିର୍ବାଚନ ସମ୍ପର୍କରେ ବୁଝାଇ ନିଜ ମତଦାନ କିପରି କରିବେ ବୁଝାଇଥିଲେ। ଏହି ଅବସରରେ ଜିଲାପାଳ ଫଗୁଣସିନେରି ବୁଥ୍‌ର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ଡିସିଓ ପ୍ରୀତିସୁଧା ଜେନା , ବିଡିଓ ସୁକାନ୍ତ ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ଜିପିଓ ଦିବାକର ପୁରୋହିତ, ଏପିଓ ସୌମେନ୍ଦ୍ର ନାୟକ, ଅଙ୍ଗନୱାଡି କର୍ମୀ ଶିକ୍ଷୟିତ୍ରୀ ଶିକ୍ଷକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପିଇଓ କଣ୍ଡା ଗୋଲରି, କନିଷ୍ଠ ଯନ୍ତ୍ରୀ ଅଜୟରାମ ତରାଇ ଓ ବ୍ଲକ୍ କର୍ମଚାରୀମାନେ ପରିଚାଳନା କରିଥିଲେ। ସେହିପରି ଅନୁରୂପ ଭାବେ ଏପରି କାର୍ଯ୍ୟକ୍ରମ ଆଗାମୀ ଦିନରେ ପଞ୍ଚାୟତର ଅନ୍ୟତମ ସୀମାନ୍ତ ଗ୍ରାମ ଉପରସେମ୍ଭି, ଧୂଳିପଦର, ତାଡ଼ିବାଲସା ଏବଂ ରଣାସିଂରେ ଆୟୋଜନ ହେବ ବୋଲି ବ୍ଲକ୍ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍, ୧ ଲକ୍ଷ ଜରିମାନା

ମାଲକାନଗିରି,୧୯।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସ୍ୱତନ୍ତ୍ର ଜିଲା ଜଜ୍ ବିକ୍ରମ କୁମାର ପଟ୍ଟନାୟକ ମଙ୍ଗଳବାର ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ଶୁଣାଣିକରି ଅଭିଯୁକ୍ତ ଅନୁପାଲ ରାଜା ରାଓଙ୍କୁ ୧୦ ବର୍ଷ କାରାଦଣ୍ଡ ସହ ୧ ଲକ୍ଷର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଆଉ ୧ ବର୍ଷ ଅଭିଯୁକ୍ତ କାରାଦଣ୍ଡ ଭୋଗିବେ ବୋଲି ରାୟ ଶୁଣାଇଛନ୍ତି। ସୂଚନାଯୋଗ୍ୟ,୬।୬।୨୩ରେ ବାଲିମେଳା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ବିପିନ କୁମାର ସାମଲ ଏବଂ କର୍ମଚାରୀମାନେ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଡାଇକ୍–୨ ରାସ୍ତା ନିକଟରେ ଯାନବାହନ ଯାଞ୍ଚ ସମୟରେ କିଛି ଦୂରରେ ଜଣେ ବ୍ୟକ୍ତି ରାସ୍ତାକଡ଼ରେ ବସ୍ତା ଧରି ଠିଆ ହୋଇଥିବା ଦେଖିଥିଲେ। ସନ୍ଦେହ ହେବାରୁ ତାଙ୍କ ପାଖକୁ ଯାଇ ବସ୍ତା ଯାଞ୍ଚ କରିବାରୁ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଫଳରେ ଗଞ୍ଜେଇ ବସ୍ତା ସହ ଅଭିଯୁକ୍ତ ଅନୁପାଲଙ୍କୁ ଗିରଫ କରିଥିଲେ। ଅନୁପାଲ ଚିତ୍ରକୋଣ୍ଡା ଥାନା ରାଜବନ୍ଧା ଗ୍ରାମର ହୋଇଥିବା ବେଳେ ଉକ୍ତ ବସ୍ତାରେ ୩୩ କେଜି ଗଞ୍ଜେଇ ଥିଲା। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାରେ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ମଙ୍ଗଳବାର ଏହାର ଶୁଣାଣି ପରେ ଦଣ୍ଡାଦେଶ ଦିଆଯାଇଛି। ସରକାରୀ ଓକିଲ ବିଜୟ କୁମାର ମହାନ୍ତି ମାମଲା ପରିଚାଳନା କରିଥିଲେ।

### ଖବର ପ୍ରକାଶ ପରେ ଦରମା ପାଇଲେ ୪ ସ୍ତରର ଶିକ୍ଷୟିତ୍ରୀ ଶିକ୍ଷକ

ପଟ୍ଟାଙ୍ଗି,୧୯।୩(ଶରତ ଧଳ)

ରାଜ୍ୟ ଗଣଶିକ୍ଷା ବିଭାଗର ଏକ ନିର୍ଦ୍ଦିଷ୍ଟ ଆକାଉଣ୍ଟରୁ ଅର୍ଥ ସରିଯିବାରୁ ଏହା ମାଧ୍ୟମରେ ଦରମା ପାଉଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ଦରମା ପାଇବାରୁ ବଞ୍ଚିତ ହୋଇଥିଲେ। ଏ ନେଇ ପ୍ରଥମେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀଙ୍କ କ୍ଷେତ୍ରରେ ତତ୍ପରତା ପ୍ରକାଶ ପାଇଥିଲା। ରାଜ୍ୟ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ୪ଟି ସ୍ତର ଯଥା ଏକ୍ସ–କ୍ୟାଡର, ଗଣଶିକ୍ଷକ, ଶିକ୍ଷା ସହାୟକ ଓ କନିଷ୍ଠ ଶିକ୍ଷକମାନେ ଏହି ପିଏଫ୍ଏମ୍ଏସ୍ ଆକାଉଣ୍ଟରୁ ପ୍ରତ୍ୟେକ ମାସର ୫ ତାରିଖ ମଧ୍ୟରେ ଦରମା ପାଉଥିଲେ। ମାତ୍ର ଉକ୍ତ ଆକାଉଣ୍ଟରୁ ଅର୍ଥ ସରିଯାଇଥିବାରୁ ସମ୍ପୃକ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ଦରମା ପାଇ ନ ଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଗତ ୧୬ ତାରିଖରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀମାନଙ୍କ କ୍ଷେତ୍ରରେ ତତ୍ପରତା ଦେଖାଦେଇଥିଲା। ଆକାଉଣ୍ଟରେ ତରବରିଆ ଭାବେ ଅର୍ଥ ବ୍ୟବସ୍ଥା କରାଯାଇଥିଲା। ଫଳରେ ଏହି ଶିକ୍ଷୟିତ୍ରୀ ଶିକ୍ଷକମାନେ ମଙ୍ଗଳବାର ଦରମା ପାଇଛନ୍ତି।

### ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଜୟପୁର,୧୯।୩ (ପବନ ପାଣିଗ୍ରାହୀ)

ଜୟପୁର ଯାଦବ ଭବନଠାରେ ଓଡ଼ିଶା ଦିବସ ପାଳନ ନେଇ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ମଦନ ମୋହନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଓଡ଼ିଆ ଭାଷାର ପ୍ରଚାରପ୍ରସାର ପାଇଁ କୁଇଜ ପ୍ରତିଯୋଗିତା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସମ୍ପାଦକ ରାଜେନ୍ଦ୍ର ଗୌଡ, ଉପଦେଷ୍ଟା ଚନ୍ଦ୍ରକାନ୍ତ ସୂତାର, ସତ୍ୟନାରାୟଣ ପରିଚ୍ଛା, ଶ୍ରୀନିବାସ ନାୟାର, ଚନ୍ଦନ ନାୟକ, ସଙ୍ଗଠନ ସମ୍ପାଦକ ପରମେଶ୍ୱର ପାତ୍ର ଓ ନବୀନ ମାଦଳା ଉପସ୍ଥିତ ଥିଲେ। ଖଲି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବ୍ୟବସାୟୀଙ୍କ କବ୍‌ଜାରେ ରାଜପଥ, ଟ୍ରାଫିକ୍ ଜାମ୍

- ଅନୁମୋଦିତ ପ୍ଲାନ୍ ଉଲ୍ଲଂଘନ
- ସମସ୍ୟା ଭୋଗୁଛନ୍ତି ସହରବାସୀ
- ଟ୍ରାଫିକ୍ ଯୋଗୁ ସହରରେ ବଢ଼ୁଛି ଦୁର୍ଘଟଣା

ରାୟଗଡ଼ା,୧୯।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ମଧ୍ୟଭାଗ ଦେଇ ଯାଇଛି ୩୨୬ ନମ୍ବର ଜାତୀୟ ରାଜପଥ । ଜିଲା ଗଠନର ୨୫ ବର୍ଷ ପରେ ୨୦୧୭ରେ ଜାତୀୟ ରାଜପଥରେ ଯାତ୍ରା କରିବାର ସୁଯୋଗ ଜିଲାବାସୀ ପାଇଥିଲେ । ହେଲେ ଏବେ କେତେଜଣ ବ୍ୟବସାୟୀ ନିଜ ସ୍ୱାର୍ଥ ପାଇଁ ରାଜପଥକୁ କବ୍‌ଜା କରିଥିବାରୁ ଦିନକୁ ଦିନ ଏହା ସଙ୍କୁଚିତ ହେବାରେ ଲାଗିଛି। ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ପୌର ପରିଷଦର ଅନୁମୋଦିତ ପ୍ଲାନ୍‌ର ଖୋଲା ଉଲ୍ଲଂଘନ କରି ଗୃହ ନିର୍ମାଣ କରିବା ଯୋଗୁ ରାଜପଥ ସଙ୍କୁଚିତ ହେବାରେ ଲାଗିଛି। ରାଜପଥରେ ୪ଥାକିଆ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ଉଭୟ ପାର୍ଶ୍ୱର ସିଙ୍ଗଲ ରୋଡ୍ ବ୍ୟବହାର ହେଉଛି। ବଳକା ସମସ୍ତ ରାସ୍ତା ବ୍ୟବସାୟୀମାନେ ଅକ୍ତିଆର କରି ରଖିଛନ୍ତି। କେବଳ ରାଜପଥ ନୁହେଁ, ସଂଲଗ୍ନ କରିଥିବା ସହରାଞ୍ଚଳ ରାସ୍ତାର ଅବସ୍ଥା ମଧ୍ୟ ସମାନ । ବିଶେଷକରି ନିଜ ବ୍ୟବସାୟିକ ପ୍ରତିଷ୍ଠାନ ଆଗରେ ଯାନବାହନ ରଖି ରାଜପଥକୁ ଜବରଦଖଲ କରୁଛନ୍ତି । ସହରର ଗଳିକନ୍ଦିରେ ରହିଥିବା



କପିଳାସ ହୋଟେଲ ରୋଡ୍‌ସ୍ଥିତ ଏସ୍‌ବିଆଇ ବ୍ୟାଙ୍କ ଓ ବ୍ୟବସାୟିକ ପ୍ରତିଷ୍ଠାନ ସମ୍ମୁଖରେ ବେଆଇନ ଗାଡ଼ି ପାର୍କିଂ କରାଯାଇଛି।

ବ୍ୟବସାୟିକ ପ୍ରତିଷ୍ଠାନ ଓ ବ୍ୟାଙ୍କ ସମ୍ମୁଖରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଗାଡ଼ିଗୁଡ଼ିକ ରାସ୍ତା ଉପରେ ରହୁଛି । ଫଳରେ ଉକ୍ତ ରାସ୍ତା ସର୍ବଦା ଜାମ୍ ରହୁଥିବାରୁ ଆମ୍ବୁଲାନ୍ସ ଓ ଦମକଳ ବାହିନୀ ଗାଡ଼ି ଯିବାରେ ମଧ୍ୟ ସମସ୍ୟା ଦେଖାଦେଉଛି। ଏଥିସହ ସହରରେ ଦୁର୍ଘଟଣା ମଧ୍ୟ ବଢ଼ିବାରେ ଲାଗିଛି।

ସହରର ସବୁଠୁ ଅଧିକ ବ୍ୟସ୍ତବହୁଳ ସ୍ଥାନ ହେଉଛି କପିଳାସ ଛକଠାରୁ ଷ୍ଟେଶନ ଛକ। ଏହି ରାସ୍ତାରେ ସମସ୍ତ ପ୍ରକାର ବ୍ୟବସାୟିକ ପ୍ରତିଷ୍ଠାନ, ହୋଟେଲ, ଲଜିଂ ଓ ଦୋକାନ ଥିବାରୁ ଯାନବାହନ ଅଟକି ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେଉଛି। ଟ୍ରାଫିକ ପଏଣ୍ଟର ଅତି ନିକଟରେ ରାଜପଥକୁ ଅବରୋଧ କରାଯିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଥିଲେ ମଧ୍ୟ ପୋଲିସ କିମ୍ବା ପୌର ପ୍ରଶାସନ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ଏହି ରାସ୍ତାର ବାଣିଜ୍ୟକର କାର୍ଯ୍ୟାଳୟ ଛକଠାରୁ ଖଲିଗୁଡ଼ା ପର୍ଯ୍ୟନ୍ତ ରାଜପଥର ଉଭୟ ପାର୍ଶ୍ୱକୁ ଟ୍ରକ୍‌ଗୁଡ଼ିକ ଅବରୋଧ କରୁଛନ୍ତି। ରାଜପଥର ଉଭୟ ପାର୍ଶ୍ୱର ୪ ଥାକିଆ ରାସ୍ତା ମଧ୍ୟରୁ ୨ ଥାକିଆ ରାସ୍ତାକୁ ଟ୍ରକ୍‌ମାଲିକ ଓ ଚାଳକମାନେ ମାଡ଼ି ବସିଥାନ୍ତି । ଏପରିକି ଫୁଟ୍‌ପାଥ୍‌କୁ ମଧ୍ୟ ଜବରଦଖଲ କରିଦେଉଛନ୍ତି। ଫଳରେ ରାସ୍ତାରେ ଚଳପ୍ରଚଳ ବେଳେ ବୟସ୍କ ଲୋକ ସର୍ବାଧିକ ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ବ୍ୟବସାୟିକ ପ୍ରତିଷ୍ଠାନ ପୌର ପରିଷଦର ଅନୁମୋଦିତ ପ୍ଲାନ୍ ଅନୁଯାୟୀ ପାର୍କିଂ ବ୍ୟବସ୍ଥା ନ କରି ଇଚ୍ଛା ମୁତାବକ କୋଠା ନିର୍ମାଣ କରିଛନ୍ତି। ସେହିପରି ଶପିଂ ମଲ୍‌ଗୁଡ଼ିକ ମଧ୍ୟ ପାର୍କିଂ ବ୍ୟବସ୍ଥା କରି ନ ଥିବାରୁ ଲୋକେ ରାସ୍ତା ଉପରେ ଗାଡି ରଖିବାକୁ ବାଧ୍ୟ ହେଉଛନ୍ତି। ଏହାବ୍ୟତୀତ ଉଠା ଦୋକାନୀ ମଧ୍ୟ ରାସ୍ତା ଉପରେ ପସରା ମେଲାଇ ବ୍ୟବସାୟ କରୁଥିବାରୁ ରାଜପଥରେ ସବୁବେଳେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଜିଲା ପୋଲିସ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ଜାତୀୟ ରାଜପଥରୁ ବେଆଇନ ଅବରୋଧ ହଟାଇବା ସହ ଚଳପ୍ରଚଳ ପାଇଁ ରାସ୍ତା ପ୍ରଶସ୍ତ କରିବାକୁ ଦାବି ହୋଇଛି। ଏ ନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ସେ ଏବେ ନୂଆ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ବ୍ୟବସାୟୀ ପ୍ରତିଷ୍ଠାନ ଉପରେ କୌଣସି ଜରିମାନା କରାଯାଇପାରିବ ନାହିଁ ବୋଲି କହିଛନ୍ତି । ନିର୍ବାଚନ ପରେ ଜିଲାପାଳଙ୍କୁ ଏ ବିଷୟରେ ଅବଗତ କରିବା ସହ ପୋଲିସ ସହିତ ମିଳିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ଭାଜପାର ବିଭିନ୍ନ ଅଞ୍ଚଳରେ ଜନ ସମ୍ପର୍କ ଶିବିର

ମାଲକାନଗିରି,୧୯।୩
(ଦୁର୍ଯ୍ୟୋଧନ ପାତ୍ର)

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲାରେ ବିଭିନ୍ନ ରାଜନୈତିକ ଦଳ ତରଫରୁ ଆଭ୍ୟନ୍ତରୀଣ ଅଞ୍ଚଳଗୁଡିକରେ ନିଜ ସପକ୍ଷରେ ପ୍ରଚାର ପ୍ରସାର ଆରମ୍ଭ ହୋଇଛି। ବିଜୁ ଜନତା ଦଳ ବହୁ ପୂର୍ବରୁ ରାଜ୍ୟ ସରକାରଙ୍କ ଯୋଜନା ସମ୍ବନ୍ଧରେ ଘରେ ଘରେ ମୋ ସରକାର, ଘରେ ଘରେ ଶଙ୍ଖ ଇତ୍ୟାଦି ଯୋଜନା ଲୋକଙ୍କୁ ବୁଝାଉଥିବା ବେଳେ ବର୍ତ୍ତମାନ ଭାରତୀୟ ଜନତା ପାର୍ଟି ତରଫରୁ କେନ୍ଦ୍ର ସରକାର ବିଭିନ୍ନ ବହୁମୁଖୀ ଯେଜନା ସମ୍ପର୍କରେ ଘର ଘର ବୁଲି କର୍ମୀ ଓ ନେତାମାନେ ପ୍ରଚାର କରୁଥିବା ଦେଖିବାକୁ ମିଳଛି। ଲାଭାର୍ଥେ ସମୃଦ୍ଧ ଭାରତ, ମୋଦି ଗ୍ୟାରେଣ୍ଟି, ସମ୍ବନ୍ଧରେ ଘରେ ଘରେ ଲୋକଙ୍କୁ ବୁଝାଉଥିବା ଭଜପା ଜିଲା ସଭାପତି ନିମାଇଁ ପାଲଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ କର୍ମୀମାନେ ଏମ୍‌ପିଭି ୯, ପଦ୍ମଗିରି, ପାଣ୍ଡ୍ରିପାଣି, ପେଦାବାଡ଼ା, ଏମ୍‌ଭି ୮, ସିନ୍ଧ୍ରିମାଲ, ଭଇମାରାଙ୍ଗିଣି ଆଦି ଗ୍ରାମଗୁଡିକରେ ସଭା କରି ଲୋକଙ୍କୁ ନିଜ ସପକ୍ଷରେ ଭୋଟ ଦେଇ ଭାଜପାକୁ ସୁଦୃଢ଼ କରିବା ଓ ପ୍ରଧାନମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ପ୍ରଚାର କରୁଥିବା ଦେଖିବାକୁ ମିଳିଛି।

# ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ଗୁଣପୁର ଓ କାଶୀପୁର ସହରରେ ପୋଲିସ ଏବଂ ଯବାନଙ୍କ ଫ୍ଲାଗ୍‌ମାର୍ଚ୍ଚ ।

ଗୁଣପୁର,୧୯।୩(ପ୍ରଦୀପ କୁମାର ପାଢ଼ୀ)

କୋରାପୁଟ ଲୋକ ସଭା ସହ ଗୁଣପୁର ବିଧାନସଭା ଆସନର ନିର୍ବାଚନ ଆସନ୍ତା ମେ ୧୩ରେ ଅନୁଷ୍ଠିତ ହେବ। ଏଥିପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ନିର୍ବାଚନ ସମୟରେ ଯେପରି କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପାଇଁ ପୋଲିସ ମଧ୍ୟ ସଜାଗ ହୋଇଛି। ସ୍ୱଚ୍ଛ, ଅବାଧ, ଶାନ୍ତିପୂର୍ଣ୍ଣ ଏବଂ ନିରପେକ୍ଷ ନିର୍ବାଚନ ପାଇଁ ପୋଲିସ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ସିଆର୍‌ପିଏଫ୍ ଏବଂ ଓଡ଼ିଶା ପୋଲିସ ଏପରି ୨ ପ୍ଲାଟୁନ ଫୋର୍ସକୁ ନେଇ ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ରାୟଗଡା ଏସ୍‌ପି ହରିଶ ବିଶିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ବାବୁଲି ନାୟକଙ୍କ ନେତୃତ୍ୱରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିବା ବେଳେ ଆଇଆଇସି ଉତ୍ତମ କୁମାର ସାହୁ ଏବଂ ଅନ୍ୟ ପୋଲିସ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

ଉମରକୋଟ,୧୯।୩
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦ ଅଧିନ ୧୨ ନମ୍ବର ୱାର୍ଡସ୍ଥିତ ସନ୍ତୋଷୀ ମା' ମନ୍ଦିର ନିକଟରେ ସୁଶାନ୍ତ ମଣ୍ଡଳଙ୍କ ଘରେ ବିଦ୍ୟୁତ ଶଟ୍‌ସର୍କିଟ ଯୋଗୁଁ ରାତି ପ୍ରାୟ ୮.୩୦ରେ ଘରେ ନିଆଁ ଲାଗିଯାଇଥିଲା। ଘରେ କେହି ନ ଥିବାରୁ ଦୀପକ ସଗଡ଼ିଆ ନାମକ ଜଣେ ଯୁବକ ଉକ୍ତ ଘରର ଟିଣ ଉପରେ ଚଢ଼ି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ଉକ୍ତ ଟିଣ ବିଦ୍ୟୁତ ସଂସ୍ପର୍ଶରେ



ଆସିଯାଇଥିବାରୁ ବିଦ୍ୟୁତ ଆଘାତରେ ଯୁବକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ବିଦ୍ୟୁତ ବିଭାଗକୁ ଖବର ଦେଇ ବିଦ୍ୟୁତ ସରବରାହ ବନ୍ଦ କରିବାକୁ କହିଥିଲେ। ପରେ ପଡ଼ିଶା ଲୋକେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଉମରକୋଟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକଙ୍କ ୨ ଗୋଡ଼, ଦୁଇ ହାତ, ଛାତର କିଛି ଅଂଶ ପାଡି ଯାଇଛି। ଅନ୍ୟପଟେ ଖବରପାଇ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୁଶାନ୍ତଙ୍କ ଘରେ ନିଆଁ ଲାଗି ସମସ୍ତ ଜିନିଷ ପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ ଦୀପକ ସଗଡ଼ିଆଙ୍କ ଘର ପୌରାଞ୍ଚଳ ଅଧିନ ଚଢେଇଗୁଡା ଗ୍ରାମ। ସେ ସୁଶାନ୍ତଙ୍କ ଘରେ ଭଡାରେ ରହୁଥିଲେ।

# ରାଜକୀୟ ବେଶରେ ଭକ୍ତଙ୍କୁ ଦର୍ଶନଦେବେ ରାଧାକୃଷ୍ଣ

**ଆଜିଠୁ ପ୍ରସିଦ୍ଧ ଦୋଳଯାତ୍ରା**

ପଦ୍ମପୁର,୧୯।୩
(ପ୍ରଶାନ୍ତ କୁମାର କର)


ପଦ୍ମପୁରରେ ପୂଜା ପାଉଥିବା ରାଧା କୃଷ୍ଣଙ୍କ ଯୁଗଳ କିଶୋର ମୂର୍ତ୍ତି।

ଦକ୍ଷିଣ ଓଡ଼ିଶାର ପୁରାତନ ପ୍ରସିଦ୍ଧ ଦୋଳଯାତ୍ରା ରାୟଗଡ଼ା ଜିଲାର ପଦ୍ମପୁରରେ ବୁଧବାରଠାରୁ ଆରମ୍ଭ ହେବ। ଏଥିପାଇଁ ପଦ୍ମପୁରସ୍ଥିତ ଶ୍ରୀରାଧା କୃଷ୍ଣ ଯୁଗଳ କିଶୋର ମହାପ୍ରଭୁଙ୍କ ବିଭିନ୍ନ ନୀତିକାନ୍ତି କରାଯାଇଛି। ପ୍ରାତଃରୁ ଠାକୁରଙ୍କ ମଙ୍ଗଳ ଆରତି ପରେ ସର୍ବସାଧାରଣ ଦର୍ଶନ ନୀତି ନିର୍ଘଣ୍ଟ କରାଯାଇଥିବା ବେଳେ ୨୦ତାରିଖ ସନ୍ଧ୍ୟାରେ ଯୁଗଳ କିଶୋର ମହାପ୍ରଭୁଙ୍କ ବିଜେ ପ୍ରତିମା ମନ୍ଦିର ଭିତରେ ଫଗୁ ଖେଳିବେ। ୨୧ରେ ଠାକୁରମାନଙ୍କୁ ଏକ ସୁସଜ୍ଜିତ ବିମାନରେ ବସାଇ ମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଅଣାଯାଇ ଫଗୁଖେଳ ପରେ ପୂଜାପାଠ କରି ପଣି ଠାକୁରଙ୍କୁ ମନ୍ଦିର ଭିତରକୁ ନିଆଯିବ । ୨୨ରେ ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନରେ ବସାଇ ଗ୍ରାମ ପରିକ୍ରମା କରାଯିବ। ଏହି ସମୟରେ ରାଜକୀୟ ପରମ୍ପରା ଅନୁଯାୟୀ ଠାକୁରଙ୍କ ଧ୍ୱଜା, ଚାମର, ମଶାଲ, ତୁରୀ, ଚାଙ୍ଗୁବାଦ୍ୟ ସହ ଡାମ୍ପ, ଘୁମୁରା ବାଦ୍ୟ, ସଂକୀର୍ତ୍ତନ ମଣ୍ଡଳୀ ସହ ଡିଜେ ବାଜାର ତାଳେ ତାଳେ ସହର ପରିକ୍ରମା କରାଯିବ। ପୂର୍ଣ୍ଣିମା ପୂର୍ବଦିନ ରାତିରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯିବ ପରେ ଅଗ୍ନି ଉତ୍ସବ ବା (ମେଣ୍ଢାପୋଡ଼ି) ଅନୁଷ୍ଠିତ ହେବ। ତେବେ ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଦୋକାନ ବଜାର ସାଙ୍ଗକୁ ବିଭିନ୍ନ ପୌରାଣିକ ନୃତ୍ୟ ପରିବେଷଣ କରାଯାଉଛି। ଚଳିତ ବର୍ଷ ଦୋଳଯାତ୍ରାରେ ଶ୍ରୀ ଶ୍ରୀ ଗୋପୀନାଥ ନାଟ୍ୟ ସଂଘ ଠୁବୁରୁରାଇ (ଗଞ୍ଜାମ ଜିଲା)ର ଲକ୍ଷ୍ମୀପୁରାଣ ସହ ଗଞ୍ଜାମ ଜିଲାର ପ୍ରସିଦ୍ଧ ମକେଇର ପ୍ରହ୍ଲାଦ ନାଟକ ପରିବେଷଣ କରାଯିବ ବୋଲି ମନ୍ଦିର କମିଟି ତରଫରୁ କୁହାଯାଇଛି। ତେବେ ଶ୍ରୀରାଧାକୃଷ୍ଣ ଯୁଗଳ କିଶୋର ମହାପ୍ରଭୁଙ୍କ ମନ୍ଦିର ପରିଚାଳକ ବଂଶୀଧର ପାଣିଗ୍ରାହୀଙ୍କ କହିବା ଅନୁଯାୟୀ, ୧୮୯୯ରୁ ଏହି ଦୋଳଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ମନ୍ଦିର ତରଫରୁ ସମସ୍ତ ବ୍ୟବସ୍ଥା କରାଯାଉଛି ।

# ରାମେଶ୍ୱର ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ କାର୍ଯ୍ୟକ୍ରମ



କଳସ ଶୋଭାଯାତ୍ରାରେ ବାହାରିଥିବା ଶ୍ରଦ୍ଧାଳୁ ।

ମାଲକାନଗିରି,୧୯।୩
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ପୁରୁଣା ମେଡିକାଲ ଛକ ଶାସ୍ତ୍ରୀନଗରରେ ମଙ୍ଗଳବାର ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଏବଂ ବିଗ୍ରହ ସ୍ଥାପନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ଅବସରରେ ମନ୍ଦିର ପରିସରରେ ଅଙ୍କୁରାରୋପଣ, କଳସ ଯାତ୍ରା, ମଣ୍ଡଳାଧିକରଣ, ଧାନ୍ୟାଧିବାସ, ଅଗ୍ନି ସ୍ଥାପନ ଓ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଯାଇଛି। ଏହା ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ମଙ୍ଗଳବାର ଶତାଧିକ ମହିଳା ସ୍ଥାନୀୟ ପୁଷ୍କରିଣୀରୁ ଜଳ ସଂଗ୍ରହକରି ଏକ ଶୋଭାଯାତ୍ରାରେ ସହର ପରିକ୍ରମାକରି ମନ୍ଦିର ପରିସରରେ କଳସ ସ୍ଥାପନ କରିଥିଲେ । ବୁଧବାର ସୂର୍ଯ୍ୟପୂଜା, ଗୋପୂଜା, ବିଗ୍ରହ ସ୍ନାନ, ଶୟନ, ଜୀବନ୍ୟାସ, ଯଜ୍ଞାଧିକର୍ମ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ମାଲକାନଗିରି ସହର ସହ ଆଖପାଖ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଆହତଙ୍କୁ ଚିକିତ୍ସାଳୟ ନେଲେ ବ୍ଲକ୍ ଅଧ୍ୟକ୍ଷ

କୋରୁକୋଣ୍ଡା,୧୯।୩
(ଅବିନାଶ ବେହେରା)

କୋରୁକୋଣ୍ଡା ବ୍ଲକ ବ୍ରିଜ୍ ନିକଟରେ ପିକ୍‌ଅପ୍ ଭ୍ୟାନ୍ ପଛପଟେ ଗୋଟିଏ ବାଇକ୍ ଭାରସାମ୍ୟ ହରାଇ ଧକ୍କାଦେବା ଫଳରେ ବାଇକ୍ ଆରୋହୀଙ୍କ ମୁଣ୍ଡ ଓ ଗୋଡ଼ରେ ଆଘାତ ଲାଗିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଗୋଟିଏ ପିକ୍‌ଅପ୍ ଭ୍ୟାନ୍(ଏପି୩୧ଏ ୫୯୫୯)ସାମଗ୍ରୀ ନେଇ ମାଲକାନଗିରିରୁ ବାଲିମେଳା ଯାଉଥିଲା। କୌଣସି କାମରେ ତର୍ଲାକୋଟା ପଞ୍ଚାୟତର ମୁକ ପଡିଆମୀ ନିଜ ଗ୍ରାମକୁ ବାଇକ(ଓଡି ୩୦ଏ୭୫୬୧)ରେ ଫେରୁଥିବା ସମୟରେ ପିକ୍‌ଅପ୍‌କୁ ପଛପଟେ ପିଟିହୋଇ ରାସ୍ତାରେ ପଡି ଆହତ ହୋଇଥିଲେ। ସେହି ସମୟରେ କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡି କାର୍ଯ୍ୟାଳୟକୁ ଆସୁଥିଲେ। ଦୁର୍ଘଟଣାରେ ଆହତହୋଇ ପଡ଼ିଥିବା ଦେଖି ସେଠାରେ ଥିବା ତ୍ରିଲୋଚନ ଚୌଧୁରୀଙ୍କ ସହଯୋଗରେ ତାଙ୍କୁ ଅଟୋରେ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଆହତଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

# ଦୁଇ ନାବାଳକଙ୍କ ସହ ୫ ଲୁଟେରା ଗିରଫ

ମାଲକାନଗିରି,୧୯।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ପୋଲିସ ଦ୍ୱାରା ୨ ନାବାଳକଙ୍କ ସହ ପାଞ୍ଚ ଲୁଟେରା ଗିରଫ ହୋଇଛନ୍ତି। ଏ ସମ୍ବନ୍ଧରେ ମାଲକାନଗିରି ଏସ୍‌ପି ନିତିଶ ବାଧ୍ୱାନୀ ଏକ ପ୍ରେସ୍‌ନୋଟ ମାଧ୍ୟମରେ ଦେଇଥିବା ସୂଚନା ଅନୁଯାୟୀ, ୯।୧୨।୨୩ ଦିନ ଲୁଟେରା ରାଜା ସଗରିଆ, ପବନ ନାଗ ଓ ଜଣେ ନାବାଳକ ମାଲକାନଗିରି ସଦର ମହକୁମା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଠାକୁର ଅନୁକୁଳ ଚନ୍ଦ୍ର ମନ୍ଦିରରୁ ୨ଟି ଫ୍ୟାନ୍, ଗୋଟିଏ ଇନ୍‌ଭଟର ଓ ଗୋଟିଏ ବ୍ୟାଟେରି, ଦୁଇଟି ଷ୍ଟାଣ୍ଡ ଫ୍ୟାନ୍ ଓ ୫୦ ହଜାର ଟଙ୍କା ଚୋରି କରିଥିଲେ। ପରେ ୧୦।୩।୨୪ ରିଖ ଦିନ ରାଜା ସଗରିଆ, ପବନ ବାଗ, ସୁରଜ ପାଙ୍ଗି ଓ ଦୁଇ ଜଣ ନାବାଳକ ମାଲକାନଗିରି ସଦର ମହକୁମା ୧୧୯ କଲୋନୀର କୁମୁଟି ଖରାଙ୍କ ଘରେ ପଶି ଆଲମାରି ଭାଙ୍ଗି ସେଥିରୁ ୩ ଲକ୍ଷ ଟଙ୍କା, ସୁନା ଗହଣା ଚୋରି କରି ନିଜ ନିଜ ମଧ୍ୟରେ ବାଣ୍ଟି ନେଇଥିଲେ। ଏ ସମ୍ବନ୍ଧରେ ଉଭୟ ଅନୁକୁଳ ଚନ୍ଦ୍ର ମନ୍ଦିର ପରିଚାଳନା କମିଟି ଓ କୁମୁଟି ଖରା ମାଲକାନଗିରି ଆଦର୍ଶ ଥାନାରେ ଅଭିଯୋଗ କରିବା ପରେ ଏହାର ତଦନ୍ତ କରି ପୋଲିସ ମଙ୍ଗଳବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୨ ନାବାଳକଙ୍କୁ ଜେଜେବିରେ ହାଜର କରିଛନ୍ତି। ତେବେ ଅଭିଯୁକ୍ତମାନେ ଚୋରି ସାମଗ୍ରୀକୁ ମାଲକାନଗିରି ସଦର ମହକୁମାର ଫିରୋଜ ଆଂସାରୀଙ୍କୁ ବିକ୍ରି କରିଥିବା ପୋଲିସ ଜାଣିବା ପରେ ତାଙ୍କୁ ମଧ୍ୟ ଗିରଫ କରିଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ୭୫ ହଜାର ଟଙ୍କା, ସୁନା କାନ ଫୁଲ, ଗୋଟିଏ ସୁନା ଲକେଟ, ଦୁଇଟି ମୋବାଇଲ, ଗୋଟିଏ ଇନ୍‌ଭର୍ଟର ଓ ବ୍ୟାଟେରି, ଦୁଇଟି ଫ୍ୟାନ ଜବତ କରିଛନ୍ତି।


ଗିରଫ ୩ ଅଭିଯୁକ୍ତ ।

# କୃଷି, ଟାରା ରୋପଣ ଅଞ୍ଚଳରେ ବୁନ୍ଦା ଜଳ ସିଞ୍ଚନ କର୍ମଶାଳା

ମାଲକାନଗିରି,୧୯।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପୌର ପରିଷଦ ଅଞ୍ଚଳ ମୁଣ୍ଡାଗୁଡା କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ମଙ୍ଗଳବାର କୃଷି ସମ୍ବନ୍ଧୀୟ ବିଭିନ୍ନ ବିଭାଗ ଏବଂ ବନ ବିଭାଗକୁ ନେଇ ବୁନ୍ଦା ଜଳ ସିଞ୍ଚନ କର୍ମଶାଳା ବରିଷ୍ଠ ବୈଜ୍ଞାନିକ ଡ.ସିଦ୍ଧାର୍ଥ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣତଃ କୃଷକମାନେ ବର୍ଷାଦିନେ ଖରିଫ ଚାଷ କରିବା ସହ ଚାରାରୋପଣ ମଧ୍ୟ ବର୍ଷା ଋତୁରେ ହୋଇଥାଏ । ଜୁଲାଇ ପ୍ରଥମ ସପ୍ତାହରୁ ବନ ମହୋତ୍ସବ ପାଳନ କରାଯାଇ ବିଭିନ୍ନ ବିଭାଗ ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ ଚାଲିଥାଏ। ଗ୍ରୀଷ୍ମ ଋତୁରେ ଅଣଜଳସେଚିତ ଅଞ୍ଚଳରେ ଚାଷୀ ଚାଷ କରି ପାରନ୍ତି ନାହିଁ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନରେ ବିଭିନ୍ନ ଅଞ୍ଚଳରେ ଜଳ ସଂରକ୍ଷଣ ପାଇଁ ପୁଷ୍କରିଣୀ, ଚେକ୍ ଡ୍ୟାମ୍ ଆଦି କରାଯାଇ ଚାଷ ଏବଂ ଚାରାରୋପଣ କରାଯାଉଛି। ଅଳ୍ପ ଜଳରେ କିପରି ଭଲ ଫସଲ ହୋଇପାରିବ ଏବଂ ରୋପଣ ବୃକ୍ଷଗୁଡିକ କିପରି ଜୀବିତ ରହିବ ଓ ତାର ବୃଦ୍ଧିଘଟିବ ସେଥିପାଇଁ ବୁନ୍ଦା ଜଳସିଞ୍ଚନ ସମ୍ବନ୍ଧରେ ବୈଜ୍ଞାନିକମାନେ ଓ ବିଭାଗୀୟ ଅଧିକାରୀମାନେ ମତ ରଖିଥିଲେ। ଯଦ୍ୱାରା କମ୍ ଜଳ ଓ କମ୍ ଖର୍ଚ୍ଚରେ ଚାଷ ସହ ଚାରା ରୋପଣର ସୁଫଳ ମିଳିବ ଏବଂ ଏହାର କି କି ପଦ୍ଧତି ଅବଲମ୍ବନ କରାଯିବ ସେ ସମ୍ବନ୍ଧରେ ବୈଜ୍ଞାନିକମାନେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଉଦ୍ୟାନ ଉପ ନିର୍ଦ୍ଦେଶକ, କୃଷି ଉପ ନିର୍ଦ୍ଦେଶକ, ଜିଲା ମୁଖ୍ୟ କୃଷି ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକି, ବନ ବିଭାଗ କର୍ମଚାରୀ, ଆମ ଜଙ୍ଗଲ ଯୋଜନାର କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।



କର୍ମଶାଳାରେ ଯୋଗଦେଇଥିବା କୃଷି ବୈଜ୍ଞାନିକ ଓ ଅନ୍ୟମାନେ ।

**ସଂକ୍ଷେପରେ**

## ନାଗାଗୁଡ଼ାରେ ଭାଲୁ ଆତଙ୍କ



ଝରିଗାଁ, ୧୯।୩(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଫୁପୁଗାଁ ପଞ୍ଚାୟତ ଅଧୀନ ନାଗାଗୁଡ଼ା ଗ୍ରାମରେ ଭାଲୁ ଆତଙ୍କ ଦେଖାଦେଇଛି। ଭାଲୁଟି ଗାଁ ନିକଟ ଗଛ ଉପରେ ଚଢ଼ିଥିଲା। ଝରିଗାଁ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭୟଭୀତ ନ ହେବାକୁ ଲୋକମାନଙ୍କୁ କହିଥିଲେ। ସନ୍ଧ୍ୟାରେ ଭାଲୁଟି ଗଛରୁ ଓହ୍ଲାଇ ଜଙ୍ଗଲ ଭିତରକୁ ପଳାଇଥିବା ଜଣାପଡ଼ିଛି।

ସୂଚନା ପ୍ରକାରେ ନାଗାଗୁଡା ଗ୍ରାମକୁ ଲାଗି କରି ଗ୍ରାମ୍ୟ ଜଙ୍ଗଲ ରହିଛି। ଏହି ଜଙ୍ଗଲରୁ ମଙ୍ଗଳବାର ଭୋରରୁ ଏକ ଭାଲୁ ନାଗାଗୁଡ଼ା ଗାଁ ଭିତରକୁ ପଶି ଆସିଥିଲା। ଭାଲୁଟି ଗାଁଠାରୁ ପ୍ରାୟ ୪ ଶହ ମିଟର ଦୂରରେ ଥିବା ହରିଡା ଗଛ ଉପରେ ଚଢ଼ିଯାଇଥିଲା। ସକାଳୁ ଗ୍ରାମବାସୀ ଏହା ଦେଖିଥିଲେ। ଗଛଉପରେ ଭାଲୁଥିବା ଖବର ପ୍ରଚାର ହେବାପରେ ତାକୁ ଦେଖିବାକୁ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା। ଭାଲୁଟ ମଧ ଲୋକମାନଙ୍କୁ ଦେଖି ଗଛ ଉପରୁ ଓହ୍ଲାଇ ନ ଥିଲା। ଖବରପାଇ ଫରେଷ୍ଟର ବିଷ୍ଣୁ ବିଷୋୟୀ, ଫରେଷ୍ଟଗାର୍ଡ କୃଷ୍ଣଚନ୍ଦ୍ର ବିଷୋୟୀ, ସାଗରୀକା ସେଠୀ, ଅନନ୍ତ କୁମାର ଝାଙ୍କର ଓ ଅନ୍ୟ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେମାନେ ଲୋକମାନଙ୍କୁ ଗଛ ପାଖକୁ ଯିବା ପାଇଁ ବାରଣ କରିବା ସହ ଗହଳି କରିବା ପାଇଁ ମନା କରିଥିଲେ। ସନ୍ଧ୍ୟା ସମୟରେ ଲୋକ ଗହଳି କମ ହେବା ପରେ ଭାଲୁ ନିଜେ ତଳକୁ ଆସି ଜଙ୍ଗଲ ଭିତରକୁ ଚାଲି ଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ତେନ୍ତୁଳିଖୁଣ୍ଟିରେ ନୂତନ ବିଇଓ




ତେନ୍ତୁଳିଖୁଣ୍ଟି, ୧୯।୩(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ନୂତନ ବ୍ଲକ ଶିକ୍ଷା ଅଧିକାରୀ ଭାବେ ରମେଶ ରାୟ ଯୋଗ ଦେଇଛନ୍ତି। ପୂର୍ବରୁ ଏଠାରେ ଥିବା ବ୍ଲକ ଶିକ୍ଷା ଅଧିକାରୀ ସୌମେନ୍ଦ୍ର ଭୌମିକଙ୍କୁ କୋଷଗୁମୁଡ଼ା ବଦଳି କରାଯାଇଛି। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ନିର୍ବାଚନୀ ସ୍ୱଚ୍ଛତା ରକ୍ଷା ପାଇଁ ଏହି ବଦଳି କରାଯାଇଛି। କାରଣ ଭୌମିକ ଏହି ବ୍ଲକରେ ଦୀର୍ଘ ବର୍ଷ ହେବ ରହିଥିଲେ। ନୂତନ ବିଇଓ ରମେଶ ରାୟଙ୍କୁ ବ୍ଲକର ସମସ୍ତ ସିଆର୍‌ସିସି, ବିଇଓ କାର୍ଯ୍ୟାଳୟ ଅଧିକାରୀ ମୋହନ ମଧୁସୂଦନ ବାଘ, ଦିଲୀପ ପଣ୍ଡା, ସର୍ବେଶ୍ୱର ପତି ପ୍ରମୁଖ ସ୍ୱାଗତ କରିଥିଲେ।

# ରାଇଘର ବ୍ଲକର ୧୦ ପ୍ରତିଶତ ପିଙ୍କ୍ ବୁଥ୍

**ସୁବ୍ୟବସ୍ଥିତ ନିର୍ବାଚନ ନେଇ ପ୍ରଶାସନିକସ୍ତରୀୟ ସମନ୍ୱୟ ବୈଠକ**

- ୫୦ ହଜାରରୁ ଅଧିକ ଟଙ୍କା ନେଇ ଯିବାବେଳେ ଧରା ହେଲେ ତାହା ସିଜ୍ ହେବ
- ଛତିଶଗଡ଼ ସୀମାନ୍ତ ଗାଁରେ ଫ୍ଲାଗମାର୍ଚ୍ଚ, ଯାଞ୍ଚ କରାଯିବ




ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ରାଇଘର, ୧୯।୩(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କନଫେରେନ୍ସ ହଲ୍‌ରେ ୯୨୪ ସାଧାରଣ ନିର୍ବାଚନକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ନିର୍ବାଚନରେ ନିୟୋଜିତ ସମସ୍ତ ପୋଲିସ, ତହସିଲ ଓ ବ୍ଲକ ର ସେକ୍ଟର ଅଫିସରମାନେ ବୈଠକରେ ସାମିଲ ହୋଇଥିଲେ। ଚଳିତ ବର୍ଷ ହେବାକୁ ଥିବା ସାଧରଣ ନିର୍ବାଚନ କିଭଳି ସୁରୁଖୁରୁ ତଥା ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେ ନେଇ ଆଲୋଚନା କରାଯାଇଥିଲା।

ପଡ଼ୋଶୀ ଛତିଶଗଡ଼ ରାଜ୍ୟ ସୀମାନ୍ତ ସମସ୍ତ ଗ୍ରାମାଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯିବ। ଗାଡ଼ି ଯାଞ୍ଚ, ବେଆଇନ ମଦ ଚାଲାଣ, ୫୦ ହଜାରରୁ ଅଧିକ ଟଙ୍କା ନେଇ ଯିବା ସମୟରେ ଧରା ହେଲେ ତାହାକୁ ସିଜ କରାଯିବ ବୋଲି ସୂଚନା ଦିଆଯାଇଛି। ଏଥିସହ ସେକ୍ଟର ଅଫିସରମାନେ ପ୍ରତ୍ୟେକ ବୁଥ୍‌ର ସବିଶେଷ ବିବରଣୀ ସଂଗ୍ରହ କରିବେ। ବ୍ଲକରେ ମୋଟ ୧୪୫ ବୁଥ୍ ଥିବାବେଳେ ୧୦ ପ୍ରତିଶତ ପିଙ୍କ୍ ବୁଥ ହେବ। ଏଥିସହ ଏକ ମଡେଲ ବୁଥ୍ ରାଇଘର ସଦରରେ ହେବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଥିଲେ। ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି କରାଯାଇଥିବା ସି ଭିଜିଲ୍ ଆପ୍‌ରେ ଲୋକେ କିଭଳି ନିର୍ବାଚନ ସମୟରେ କରାଯାଉଥିବା ଅନିୟମିତତା ଅଭିଯୋଗ ସମ୍ପୂର୍ଣ୍ଣ ପ୍ରମାଣ ପାରିବେ ସେ ସମ୍ପର୍କରେ ସ୍ଥାନୀୟ ତହସିଲଦାର ରିତୁ ସିଂ ସଚେତନ କରିଥିଲେ। ବ୍ଲକର ୨୬ ପଞ୍ଚାୟତକୁ ୨ ଥାନାଧିକାରୀ ମିଳିତ ଭାବେ ତଦାରଖ କରିବେ। ଏଥିସହ ନକ୍ସଲ ପ୍ରବଣ ଅଞ୍ଚଳରେ ସୁରକ୍ଷା କଡାକଡି କରାଯିବ ବୋଲି ରାଇଘର ଥାନାଧିକାରୀ ରଘୁନାଥ ମାଝି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାଧାକାନ୍ତ ରଣା, ବିଇଓ ଈଶ୍ୱର ମାଝି, ୧୨ ସେକ୍ଟର ଅଫିସର, ୧୨ ପୋଲିସ ସେକ୍ଟର ଅଫିସର, ସମସ୍ତ ବିଏଲ୍‌ଓଙ୍କ ସମେତ ବହୁ ବରିଷ୍ଠ କର୍ମଚାରୀ ଯୋଗ ଦେଇଥିଲେ। ରାଇଘର ବିଡିଓ ଲକ୍ଷ୍ମୀସାଗର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ ପରିଚାଳନା କରିଥିଲେ।

# ଦୁର୍ଘଟଣାରେ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ର ମୃତ

ପାପଡ଼ାହାଣ୍ଡି, ୧୯।୩ (ସ୍ୱପ୍ନଜିତ ପଟ୍ଟନାୟକ)

**ପରୀକ୍ଷା ଦେବାକୁ ଯିବାବେଳେ ସ୍କୁଟିକୁ ପିଟିଲା କାର୍**

ପରୀକ୍ଷା ଦେବାକୁ ସାଙ୍ଗର ସ୍କୁଟିରେ ବାହାରିଲେ ଛାତ୍ର। କିନ୍ତୁ ବାଟରେ ଜଗିଥିଲା ମୃତ୍ୟୁ। ହଠାତ୍ ଏକ କାର୍ ଆସି ସ୍କୁଟିକୁ ଧକ୍କାଦେଇଥିଲା। ଫଳରେ ଘଟଣାସ୍ଥଳରେ ଛାତ୍ରଙ୍କର ମୃତ୍ୟୁ ହୋଇଛି। ଏପରି ଦୁଃଖଦ ଘଟଣା ମଙ୍ଗଳବାର ସକାଳେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ମୃଗବିହାର ଅଞ୍ଚଳରେ ଘଟିଛି। ମୃତକ ହେଲେ ନବରଙ୍ଗପୁର ସହରର ଜି. ଶେଖରଙ୍କ ପୁଅ ଜି. ଈଶ୍ୱର ରାଓ (୧୮)। ଏହି ଘଟଣାରେ ଅନ୍ୟ ଜଣେ ଛାତ୍ର ଆକାଶ ଷଡ଼ଙ୍ଗୀ ଗୁରୁତର ହୋଇଛନ୍ତି। ଉଭୟ ନବରଙ୍ଗପୁର କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱାଦଶ ଶ୍ରେଣୀ ଛାତ୍ର।

ସୂଚନାନୁଯାୟୀ ଜି.ଈଶ୍ୱର ଓ ଆକାଶ ନବରଙ୍ଗପୁର କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱାଦଶ ଶ୍ରେଣୀ ଛାତ୍ର। ସେମାନଙ୍କର ଏବେ ବୋର୍ଡ ପରୀକ୍ଷା ଚାଲିଛି। ପାପଡ଼ାହାଣ୍ଡି ଆଦର୍ଶ ବିଦ୍ୟାଳୟରେ ଉଭୟଙ୍କର ପରୀକ୍ଷା କେନ୍ଦ୍ର। ସେଠାକୁ ଯିବାକୁ ଆକାଶ ଏକ ସ୍କୁଟି (ଓଡି-୨୪ଜେ-୩୧୦୯) ନେଇ ଜି.ଈଶ୍ୱରଙ୍କ ଘରକୁ ଆସିଥିଲେ। ଏହାପରେ ଜି. ଈଶ୍ୱର ଗାଡ଼ି ଚଳାଇବା ବେଳେ ଆକାଶ ତାଙ୍କ ପଛରେ ଯାଇଥିଲେ। ଏହି ସମୟରେ ମୃଗ ବିହାର ନିକଟରେ ଏକ କାର୍ (ଓଡି-୧୦କେ-୨୮୦୦) ତାଙ୍କ ସ୍କୁଟିକୁ ଧକ୍କାଦେବାରୁ ଜି.ଈଶ୍ୱର ଓ ଆକାଶ ଛିଟିକି ପଡ଼ିଥିଲେ। କାର୍ ଟି ଦୁର୍ଘଟଣା ଘଟାଇ ଚାଲିଯାଇଥିଲା। ଘଟଣାସ୍ଥଳରେ ହିଁ ଜି.ଈଶ୍ୱରଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ଆକାଶ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ପାପଡ଼ାହାଣ୍ଡି ପୋଲିସକୁ ଦୁର୍ଘଟଣା ଖବର ଦେଇଥିଲେ। ପାପଡ଼ାହାଣ୍ଡି ଏସ୍‌ଡିପିଓ ମୀନାକ୍ଷୀ ଠାକୁର ଓ ଆଇଆଇସି ଦୀପକ ଜେନା ପୋଲିସ ଟିମ୍ ସହ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀମାନେ ଗାଡ଼ି ନମ୍ବର ପୋଲିସକୁ କହିଥିଲେ। ପୋଲିସ କାର୍ ନମ୍ବର ଟ୍ରାକ୍ କରି ମାଲିକଙ୍କୁ ଅବଗତ କରାଇବା ପରେ ମାଲିକ ଗାଡ଼ି ସହ ଡ୍ରାଇଭରଙ୍କୁ ଆଣି ଥାନାରେ ଜିମା ଦେଇଛନ୍ତି। ପୋଲିସ ପାପଡ଼ାହାଣ୍ଡି ଥାନାରେ ଏକ କେସ୍ ନମ୍ବର ୭୩/୨୪ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବିଡିଓଙ୍କୁ ପାଣି ସମସ୍ୟା ଜଣାଇଲେ ମହିଳା



ବିଡିଓଙ୍କୁ ମହିଳାମାନେ ସମସ୍ୟା ଜଣାଉଛନ୍ତି।

ତେନ୍ତୁଳିଖୁଣ୍ଟି, ୧୯।୩(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଲମତାଗୁଡ଼ା ପଞ୍ଚାୟତର ୮ ନମ୍ବର ୱାର୍ଡ ପଣସଗୁଡ଼ା ଗ୍ରାମର ମହିଳାମାନେ ମଙ୍ଗଳବାର ତେନ୍ତୁଳିଖୁଣ୍ଟି ଗୋଷ୍ଠି ଉନ୍ନୟନ ଅଧିକାରୀ ମୋନଜ କୁମାର ପାଣିଗ୍ରାହୀଙ୍କୁ ଭେଟିଛନ୍ତି। ସେମାନେ ଗାଁରେ ଥିବା ପାଣି ସମସ୍ୟା ସମ୍ପର୍କରେ ଅଧିକାରୀଙ୍କୁ ଜଣାଇଛନ୍ତି।

ପଣସଗୁଡ଼ାରେ ଗୋଟିଏ ନଳକୂପ ରହିଛି। ଯାହାକି ବାରମ୍ବାର ଖରାପ ହେଉଛି। ଏ ସମ୍ପର୍କରେ ପଞ୍ଚାୟତ ଅଧିକାରୀଙ୍କୁ ଜଣାଇଲେ ମଧ କେହି ଦୃଷ୍ଟି ଦେଉ ନ ଥିବା ଗାଁର କୌଶଲ୍ୟା କମାର, ସରୋଜନୀ ନାୟକ, ପଦ୍ମା ବିଷୋୟୀ, ଚନ୍ଦ୍ରକାନ୍ତି ବିଷୋୟୀ, ହୀରାମଣି ଗୌଡ଼, ମଞ୍ଜୁ ଗୌଡ଼, ଯଶଦା ଗୌଡ଼, ଭାନୁମତି ଗୌଡ଼, ଭଗବତୀ ଗୌଡ଼, ବୈଦି ଗୌଡ଼, ନନ୍ଦିନୀ ଗୌଡ଼, କୁରଙ୍ଗୀ ବିଶାୟୀ ପ୍ରମୁଖ ଅଭିଯୋଗ କରିଛନ୍ତି। ବିଡିଓ ଅଭିଯୋଗକୁ ଗୁରୁତ୍ୱ ଦେଇ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ପାନୀୟ ଜଳ ଯୋଗାଣ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଲମତାଗୁଡ଼ା ପଞ୍ଚାୟତ ବେଜୁଗୁଡ଼ା ସୌରା ସାହିରେ ମଧ ପାନୀୟ ଜଳର ସୁବିଧା ଯୋଗାଇ ଦେବାକୁ ଶିବ ସୌରା, ଭରତ ସୌରା, ଘାସି ସୌରା, ସଦନ ସୌରା, ଜୟନ୍ତ ସୌରା, ମନ ସୌରା ପ୍ରମୁଖ ଗୁହାରି କରିଛନ୍ତି। ପ୍ରକାଶ ଯେ, ବିଡିଓ ପୂର୍ବରୁ କେଉଁ କେଉଁ ଗ୍ରାମରେ ପାନୀୟ ଜଳର ଅଭାବ ରହିଛି ତାହା ଜଣାଇବାକୁ ସମସ୍ତ ଅଧିକାରୀ, ସ୍ୱେଚ୍ଛାସେବୀ, ଲୋକ ପ୍ରତିନିଧି, ଏସ୍‌ଏଚ୍‌ଜିଙ୍କ ବୈଠକ କରି ସୂଚନା ଦେବାକୁ କହିଥିଲେ। କିନ୍ତୁ ତାହା ଏଯାଏ କାର୍ଯ୍ୟକାରୀ ହୋଇନି। ବିଡିଓଙ୍କ ନିର୍ଦ୍ଦେଶ କେବେ କାର୍ଯ୍ୟକାରୀ ହେବ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ
### ରାସ୍ତାରୋକୋ କଲେ ଗ୍ରାମବାସୀ

ଖଜୁରୀପଡ଼ା, ୧୯।୩ (ବିଦୁର ବେହେରା):

ଖଜୁରୀପଡ଼ା ଥାନା ଅନ୍ତର୍ଗତ ପିଣ୍ଡାବାଡ଼ିଠାରେ ମଙ୍ଗଳବାର ସନ୍ଧ୍ୟାରେ ପୃଥକ ଦୁଇଟି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ୫୭ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାର୍ଯ୍ୟ ଚାଲୁରହିଛି। ଠିକାଦାରମାନେ ବାଲି, ଗୋଡ଼ି, ସାମଗ୍ରୀ ରାସ୍ତା ଉପରେ ରଖିଥିବା ଯୋଗୁଁ ରାସ୍ତାରେ ଯାତାୟାତ କରୁଥିବା ବାଇକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗୁରୁତର ଅବସ୍ଥାରେ ଯୁବକଙ୍କୁ ଉଦ୍ଧାର କରି ଫୁଲବାଣୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେହିପରି ଘଟଣାର କିଛି ସମୟ ପରେ ପୁଣି ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସଂପୃକ୍ତ ଯୁବକଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଖଜୁରୀପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଉକ୍ତ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ତେବେ ତାଙ୍କର ପରିଚୟ ମିଳିପାରି ନାହିଁ। ଅନ୍ୟପଟେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକ କରିଥିଲେ। ଘଟଣା ସ୍ଥଳରେ ଖଜୁରୀପଡ଼ା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଇଥିଲା।

# ଭାଇବ୍ରେଟରରେ ପିଣ୍ଡି ତାଡ଼ିବାକୁ ମନା କଲେ ବିଡିଓ, କାମ ବନ୍ଦ



ଭାଇବ୍ରେଟର ଦ୍ୱାରା ଟାୱାର ପିଣ୍ଡି ଭଙ୍ଗାଯାଉଛି ।

ନବରଙ୍ଗପୁର, ୧୯।୩(ସଦାଶିବ ପ୍ରହରାଜ)

- ବିଦ୍ୟାଳୟ ଛାତରେ ଟାୱାର ବସାଇବା ପରେ ହଟାଗଲା
- ପିଣ୍ଡି ତାଡ଼ିବା ପାଇଁ ଭାଇବ୍ରେଟର ମେଶିନ ବ୍ୟବହାର
- କ୍ଲାସରୁମ ଛାତ ଫାଟିବା ଆଶଙ୍କା

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୋକିଆ ଗାଁରେ ରହିଛି ବ୍ଲକଗ୍ରାଣ୍ଟ ଶଶୀରେଖା ଉଚ୍ଚ ବିଦ୍ୟାଳୟ। ସେଠାରେ ଏକ ଘରୋଇ କମ୍ପାନୀର ମୋବାଇଲ ଟାୱାର ଲଗା ଯାଇଥିଲା। ଉକ୍ତ ଟାୱାର ଲଗାଇବା ସମୟରେ ସବୁଜିମା ସୃଷ୍ଟି କରାଉଥିବା ବିରାଟକାୟ ଗଛ ଗୁଡିକ କଟା ଗଲା । ଏବେ ଟାୱାର ହଟାଇ ଦିଆଗଲା। ରହିଗଲା ଜେନେରେଟର ଓ ପାୱାର ସପ୍ଲାଏ ପାଇଁ କରାଯାଇଥିବା ପିଣ୍ଡି। ଉକ୍ତ ପିଣ୍ଡିକୁ ଭାଙ୍ଗିବା ପାଇଁ ଭାଇବେଟର ବ୍ୟବହାର କରାଯାଉଥିଲା। ଫଳରେ ଛାତ ଫାଟିଯିବାର ଆଶଙ୍କା ରହିଥିଲା। ଖବରପାଇ ପାପଡ଼ାହାଣ୍ଡି ବିଡ଼ିଓ କପିଳଦେବ ସାହୁ ଓ ଜିପିଓ ଅକ୍ଷକ ପଟ୍ଟନାୟକ ସେଠାରେ ପହଞ୍ଚି ପିଣ୍ଡି ତାଡିବା କାମ ବନ୍ଦ କରାଇଥିଲେ। ବ୍ଲକଗ୍ରାଣ୍ଟ ଶଶୀରେଖା ଉଚ୍ଚ ବିଦ୍ୟାଳୟ କମିଟି ମାଧମରେ ପରିଚାଳିତ ହୁଏ। କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ଓ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ କରାଗଲେ କମିଟିର ଅନୁମତି ଓ ଜିଲାଶିକ୍ଷା ଅଧିକାରୀଙ୍କ ଅନୁମତି ଆବଶ୍ୟକ ହୋଇଥାଏ। ତେବେ ବିଦ୍ୟାଳୟର ଛାତ ଉପରେ ଘରୋଇ କମ୍ପାନୀ ଟାୱାର ବସାଇବା ପାଇଁ କାହାର ଅନୁମତି ନେଇଥିଲେ ତାହାର ତଦନ୍ତ ସାପେକ୍ଷ ବୋଲି ଦାବି ହେଉଛି। ଏନେଇ ବିଦ୍ୟାଳୟ କମିଟି ସଭାପତି ଯୁଗଳ ବିଷୋୟୀ ପିଣ୍ଡିଗୁଡିକ ମେଶିନ ମାଧମରେ ନ କାଟି ସେମିତି ଛାଡି ଦେବାକୁ କହିଥିଲେ। କ୍ଲାସ ରୁମର ଛାତ ନଷ୍ଟ ହେବ ବୋଲି କହିବା ପରେ ମଧ ଶ୍ରମିକ ଲଗାଇ ଭାଇବ୍ରେଟର ଲଗାଇ ପିଣ୍ଡିକୁ ତାଡି ଦିଆଯାଉଥିଲା। ଏନେଇ ସେ ମଧ ବିରକ୍ତି ପ୍ରକାଶ କରିଥିଲେ। ବିଧାଳୟରେ ଟାୱାର ଲଗାଇବା ପାଇଁ ଅନୁମତି ନିଆଯାଇଥିଲାକି ଓ କମିଟି ରେଜୁଲେଶନ ହୋଇଥିଲାକି ବୋଲି ପଚାରିବାରୁ, ଏଥିପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ ମିଳିଛି ବୋଲି ପ୍ରଧାନ ଶିକ୍ଷକ କହିବା ପରେ କାମ ହୋଇଥିଲା। ଜିଲାପଳଙ୍କ ଅନୁମତି ରହିଥିବା ଶୁଣି ସେ ଆଉ କିଛି କହିନଥିଲେ ବୋଲି ମତ ଦେଇଛନ୍ତି। ପ୍ରଧାନ ଶିକ୍ଷକ ରଞ୍ଜନ ଦାଶଙ୍କୁ ପଚାରିବାରୁ ଏବେତ ଟାୱାର ଉଠାଇ ଦିଆଯାଇଛି । କମିଟି ସହ ଆଲୋଚନା ହୋଇ ସାରିଛି। ମାଟ୍ରିକ ଖାତା ଦେଖି ସାରି ଯିବାପରେ ଏ ବିଷୟରେ କହିବି ବୋଲି ସେ ମତ ଦେଇଛନ୍ତି। ପ୍ରକାଶ ଯେ, ଏହି ସ୍କୁଲକୁ ବର୍ଷେ ହେବ ରୂପାନ୍ତରିତ କରାଯାଇଛି। ଟାୱାର ବସାଇବା, ସବୁଜିମା ଗଛ କାଟିବା, ଟାୱାର ଲଗାଇବା ସମୟରେ କାଛ ଗୁଡିକ ନଷ୍ଟ କରିବା ଓ ଚଟାଣର ପ୍ଲେଟ ଭାଙ୍ଗିଯିବା ନେଇ ବିଦ୍ୟାଳୟ ସଭାପତି ଟାୱାର କର୍ମଚାରୀଙ୍କୁ ଏହାର ମରାମତି କରିବାକୁ କହିଥିଲେ। ବିଦ୍ୟାଳୟ ପରିବେଶକୁ ନଷ୍ଟ କରିବା ଘଟଣାକୁ ସେ ନାପସନ୍ଦ କରିଛନ୍ତି। ନଷ୍ଟ କରିଥିବା ପ୍ଲେଟଗୁଡିକ ଲଗାଇବା ସହିତ ଫାଟିଥିବା କାଛ ମଧ ମରାମତି କରିବାକୁ ଟାୱାର କର୍ମଚାରୀଙ୍କୁ ସେ କହିଛନ୍ତି।

# ଜାତୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାଗନେବେ ଦୁର୍ଜନ

ନବରଙ୍ଗପୁର, ୧୯।୩(ସଦାଶିବ ପ୍ରହରାଜ)

ସ୍କୁଲ ପିଲାଙ୍କୁ ନେଇ ଜାତୀୟସ୍ତରରେ ହେବାକୁ ଥିବା ଦୌଡ଼ କୁଦ ପ୍ରତିଯୋଗିତାରେ ନବରଙ୍ଗପୁର ଭାମିନି ଏସ୍‌ଏସ୍‌ଡି ହାଇସ୍କୁଲର ଛାତ୍ର ଦୁର୍ଜନ ନାୟକ ଭାଗ ନେବେ। ବିହାର ରାଜ୍ୟ ପାଟଣା ନିକଟ କନକରବାଗରେ ଜାତୀୟସ୍ତରୀୟ ଦୌଡ଼ କୁଦ ପ୍ରତିଯୋଗିତା ଏପ୍ରିଲ ୬ରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଭାଗ ନେବାକୁ ଦୁର୍ଜନ ଏପ୍ରିଲ ୨ରୁ ଭୁବନେଶ୍ୱର ୟୁନିଟ ୯ ହାଇସ୍କୁଲରେ କୋଚିଂ ନେବେ। ଏପ୍ରିଲ ୧ ତାରିଖରେ ସେ ଭୁବନେଶ୍ୱର ଗସ୍ତ କରିବେ। ୧୭ ବର୍ଷରୁ କମ ବୟସ ଦୌଡ଼ କୁଦ ପ୍ରତିଯୋଗିତାରେ ଭାମିନି ଏସ୍‌ଏସ୍‌ଡି ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ଦୁର୍ଜନ ନାୟକ ଜିଲାସ୍ତରରେ ଉନ୍ନିତ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ୨୦୨୩ ନଭେମ୍ବର ୮ରୁ ୧୧ ପର୍ଯ୍ୟନ୍ତ ସୁନ୍ଦରଗଡ଼ ବି.ଏସ୍. ସରକାରୀ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ଦୁର୍ଜନ ୩ ହଜାର ମିଟର ଦୌଡ଼କୁଦ ପ୍ରତିଯୋଗିତାରେ



ଦୁର୍ଜନ ନାୟକ

ପ୍ରଥମ ସ୍ଥାନ ହୋଇଥିଲେ। ଏଥିପାଇଁ ସେ ତାଙ୍କ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ବିଧାର ଓ କ୍ରୀଡ଼ା ପ୍ରଶିକ୍ଷକ କିଶୋର ସିଲ୍, ୨୦୨୩ ନଭେମ୍ବର ୬ ଓ ୭ ତାରିଖରେ କୋଚିଂ ଦେଇଥିବା ପାପଡାହାଣ୍ଡି ଲାଲ ବାହାଦୁର ହାଇସ୍କୁଲ କ୍ରୀଡ଼ା ପ୍ରଶିକ୍ଷକ ମନୋରଞ୍ଜନ ପ୍ରହରାଜ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ କୁମାର ପଟ୍ଟନାୟକଙ୍କୁ ଶ୍ରେୟ ଜଣାଇଛନ୍ତି।

## ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ଆସିକା ୧୯।୩ (ସୁରେନ୍ଦ୍ର ନାଥ ସାହୁ):

ଆସିକା ପୋଲିସ ପକ୍ଷରୁ ସୋମବାର ରାତିରେ ଆସିକା ବସଷ୍ଟାଣ୍ଡରୁ ୧୩ କିଲୋ ଗଞ୍ଜେଇ ଜବତ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ଜଣକ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ କାଶିନିପଦର ଗ୍ରାମର ମାନସ ରଞ୍ଜନ ଦିଗାଲ । ଗିରଫ ଅଭିଯୁକ୍ତଙ୍କ ବିରୁଦ୍ଧରେ ଆସିକା ଥାନାରେ ୨୧୯/୨୪ରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ଉପଖଣ୍ଡ ଅଧିକାରୀ ସଂଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

# ପୁଅଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କଲେ ବାପା

ଉମରକୋଟ, ୧୯।୩ (ସନ୍ତୋଷ ଶତପଥି)

**ଝୁଲନ୍ତା ଅବସ୍ଥାରେ ମହେନ୍ଦ୍ରଙ୍କ ମୃତଦେହ ଜବତ ମାମଲା**



ନବରଙ୍ଗପୁର ଜିଲା ଉମରକୋଟ ସହର ନିକଟସ୍ଥ ସାନକୁମାରୀ ଗ୍ରାମରେ ଝୁଲନ୍ତା ଅବସ୍ଥାରେ ମହେନ୍ଦ୍ର ନାୟକଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। ତେବେ ମହେନ୍ଦ୍ରଙ୍କୁ କେହି ହତ୍ୟା କରି ଗଛରେ ଝୁଲାଇ ଦେଇଥିବା ତାଙ୍କ ବାପା ମହେଶ୍ୱର ନାୟକ ଥାନାରେ ଅଭିଯୋଗ କରିଛନ୍ତି।

ମୃତକଙ୍କ ବାପା ମହେଶ୍ୱରଙ୍କ ଅଭିଯୋଗ ଅନୁଯାୟୀ, ରବିବାରଠାରୁ ମହେନ୍ଦ୍ରଙ୍କୁ ପରିବାର ଲୋକେ ଖୋଜାଖୋଜି କରିବା ପରେ ସୋମବାର ସାନକୁମାରୀ ଗ୍ରାମରେ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେଠାରେ ଉକ୍ତ ଗ୍ରାମର ମଦନ ନାମକ ଜଣେ ବ୍ୟକ୍ତି ମହେନ୍ଦ୍ରଙ୍କୁ ଚାପୁଡ଼ା ମାରିଥିବା ସ୍ୱୀକାର କରିବା ସହ ଅତିଶୀଘ୍ର ମହେନ୍ଦ୍ରଙ୍କୁ ଆଣିକି ଆସିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେ ଆଣିବା ପରିବର୍ତ୍ତେ ମୋ ପୁଅର ମୃତଦେହ ମିଳିଲା। ତେଣୁ ତାକୁ ହତ୍ୟା କରାଯାଇଥିବା ମହେଶ୍ୱର ଅଭିଯୋଗ କରିଛନ୍ତି। ପୋଲିସ ୨ ଦିନ ଭିତରେ ଯଦି ଦୋଷୀଙ୍କୁ ଗିରଫ ନ କରେ ତେବେ, ନବରଙ୍ଗପୁର ଏସ୍‌ପି ଓ କୋରାପୁଟ ଡିଆଇଜିଙ୍କ ନିକଟରେ ଅଭିଯୋଗ କରିବେ ବୋଲି ମହେଶ୍ୱର କହିଛନ୍ତି। ଏଫ୍‌ଆଇଆର ଦେଇଥିଲେ ମଧ ପୋଲିସ ଅଭିଯୋଗ ଗ୍ରହଣ କଲା ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଉମରକୋଟ ଆଇଆଇସି ଉମ୍ବରୁଧର ପ୍ରଧାନଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ। ଏବେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ବୋଲି ସେ କହିଛନ୍ତି । ପରିବାର ଲୋକେ ଯେଉଁ ଅଭିଯୋଗପତ୍ର ଦେଇଥିଲେ ତାକୁ ଆମେ ଗ୍ରହଣ କରି ତଦନ୍ତ କରୁଥିବା କହିଛନ୍ତି।

ସୂଚନା ଅନୁଯାୟୀ, ମହେନ୍ଦ୍ର ଧଡ଼ରା ଉଚ୍ଚ ମାଧମିକ ବିଦ୍ୟାଳୟରେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ୧୭ ତାରିଖ ସନ୍ଧ୍ୟାରେ ସାନକୁମାରୀ ଗ୍ରାମର ମଦନ ଭତ୍ରାଙ୍କ ଘରକୁ ଯାଇ ଆଉ ଫେରି ନ ଥିଲେ। ସୋମବାର ଅପରାହ୍ନ ୨ଟାରେ ଗ୍ରାମ ନିକଟସ୍ଥ ଏକ କାଜୁ ଗଛରେ ମହେନ୍ଦ୍ରଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ କିଛି ଲୋକ ଦେଖି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଖବରପାଇ ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ତେବେ ସନ୍ଧ୍ୟା ହୋଇଯାଇଥିବାରୁ ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଲିଙ୍ଗ ନିରୂପଣ ଆଇନଗତ ଅପରାଧ

**ପିସି ଆଣ୍ଡ ପିଏନ୍‌ଡିଟି ଆକ୍ଟ ନେଇ ଜିଲାସ୍ତରୀୟ ଉପଦେଷ୍ଟା କମିଟି ବୈଠକ**




ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ନବରଙ୍ଗପୁର, ୧୯।୩(ସଦାଶିବ ପ୍ରହରାଜ)

ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପିସି ଆଣ୍ଡ ପିଏନ୍‌ଡିଟି ଆକ୍ଟ ୧୯୯୪ର ଜିଲାସ୍ତରୀୟ ଉପଦେଷ୍ଟା କମିଟି ବୈଠକ ଜିଲା ପଞ୍ଚାୟତ ସାଧନ କେନ୍ଦ୍ରରେ ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାଳୀ ପ୍ରସାଦ ବେହେରା, ଏଡିପିଏଚ୍‌ଓ (ପରିବାର କଲ୍ୟାଣ)ମଳୟ କୁମାର ତ୍ରିପାଠୀ, ମେଡିସିନ ବିଶେଷଜ୍ଞ ଡାକ୍ତର ମନମୋହନ ବିଷୋୟୀ, ଖ୍ରୀଷ୍ଟିୟାନ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସନ୍ତୋସ କୁମାର ନାଗ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଏଡିଇଓ ରେଶମ ଲାଲ ନାୟକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ଅଧିକାରୀ ସୁଶାନ୍ତ କୁମାର ପ୍ରହରାଜଙ୍କ ସମେତ କମିଟିର ସମସ୍ତ ସଦସ୍ୟା ସଦସ୍ୟ, ଜିଲା ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଓ କର୍ମଚାରୀ ଯୋଗ ଦେଇଥିଲେ। ଜିଲାରେ କାର୍ଯ୍ୟକାରୀ ପିସି ଆଣ୍ଡ ପିଏନ୍‌ଡିଟି ଆକ୍ଟ ୧୯୯୪ର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲୋକଙ୍କ ସୁବିଧା ଓ ସେବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ଓ ଗୁରୁବାର, ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ସୋମବାର, ବୁଧବାର ଓ ଶୁକ୍ରବାର, ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୁରୁବାର, ଖ୍ରୀଷ୍ଟିୟାନ ହସ୍ପିଟାଲରେ ରବିବାର ବ୍ୟତୀତ ସବୁଦିନ ଉପଲବ୍ଧ ଥିବା ଏହି ସମସ୍ତ ଅଲ୍ଟ୍ରାସାଉଣ୍ଡ ବ୍ୟବସ୍ଥାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଲିଙ୍ଗ ନିରୂପଣ କରିବା ଆଇନଗତ ଅପରାଧ। ତେଣୁ କୌଣସି ପ୍ରକାର ଲିଙ୍ଗ ନିରୂପଣ ଅଭିଯୋଗ ଆସିଲେ ତାହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ତେଣୁ ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ନଜର ରଖିବାକୁ ଜିଲାପାଳ ମିଶ୍ର ନିର୍ଦ୍ଦେଶ ଦେଇଥିଲେ।

# ଖେଳଣା ଉତ୍ପାଦନରେ ଅଭିବୃଦ୍ଧି

ଭୁବନେଶ୍ୱର,୧୯।୩
(ଅନୁରାଧା ମହାରଣା)



ବିଶ୍ୱର ଅନେକ ଦେଶରେ ଖେଳବ୍ୟବସାୟ ବହୁ ପରିମାଣରେ ରୋଜଗାର ଏବଂ ପୁଞ୍ଜି ସୃଷ୍ଟି ପାଇଁ ବ୍ୟବହୃତ ହୁଏ। କିଛି ବର୍ଷ ପୂର୍ବେ ଚାଇନାରୁ ଆସୁଥିବା ଖେଳନା ଦ୍ୱାରା ଭାରତର ଚାହିଦା ପୂରଣ ହେଉଥିଲା। ବର୍ତ୍ତମାନ ପରିସ୍ଥିତି ବଦଳିଯାଇଛି। ଭାରତରେ ଖେଳଣା ଉତ୍ପାଦନ ଅଭିବୃଦ୍ଧି ହୋଇଛି। ଦେଶର ଖେଳନା ରପ୍ତାନିରେ ୨୩୯ ପ୍ରତିଶତ ବୃଦ୍ଧି ଘଟିଛି। ୨୦୧୫ ଆର୍ଥିକ ବର୍ଷ ଏବଂ ୨୦୨୩ ଆର୍ଥିକ ବର୍ଷ ମଧ୍ୟରେ ଭାରତରେ ଖେଳନା ରପ୍ତାନି ଦ୍ରୁତଗତିରେ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ଭାରତର ଖେଳନା ରପ୍ତାନିରେ ୨୩୯ ପ୍ରତିଶତ ବୃଦ୍ଧି ହୋଇଥିବାବେଳେ ଆମଦାନୀରେ ୫୨ ପ୍ରତିଶତ ହ୍ରାସ ଘଟିଛି। ଫଳସ୍ୱରୂପ, ଖେଳନା ଶିଳ୍ପରେ ଭାରତ ନେଟ୍ ରପ୍ତାନିକାରୀ ମାନ୍ୟତା ହାସଲ କରିଛି। ଭାରତରେ ଖେଳନା ବିକ୍ରୟ ପାଇଁ ଭାରତ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିଆଇଏସ୍) ଅନୁମୋଦନକୁ ବାଧ୍ୟତାମୂଳକ କରିଛି ଏବଂ ବେସିକ୍ କଷ୍ଟମ ଡ୍ୟୁଟିକୁ ୭୦ ପ୍ରତିଶତକୁ ବୃଦ୍ଧି କରିଛି। ଏହା ପରେ ଭାରତରେ ଖେଳଣା ଏବଂ ଖେଳନା ସାମଗ୍ରୀର ବିକ୍ରିରେ ବହୁ ସାହାଯ୍ୟ କରିଛି। ହାସବ୍ରୋ, ମ୍ୟାଟେଲ, ସ୍ପିନ୍ ମାଷ୍ଟର ଏବଂ ଆର୍ଲି ଲର୍ନିଂ ସେଣ୍ଟର ପରି ଇଣ୍ଡଷ୍ଟ୍ରିର ବର୍ତ୍ତମାନ ସେମାନଙ୍କ ଖେଳନା ପାଇଁ ଭାରତରୁ ଖେଳନା ଉପରେ ନିର୍ଭରଶୀଳତା ବଢ଼ାଇବାକୁ ପଡିବ। ବଡ ନିର୍ମାତା ଡ୍ରିମ୍ ପ୍ଲାଷ୍ଟ, ମାଇକ୍ରୋପ୍ଲାଷ୍ଟ ମଧ୍ୟ ଚାଇନା ପରିବର୍ତ୍ତେ ଭାରତ ଉପରେ ନିର୍ଭର କରୁଛି। ଫଳରେ ଭାରତୀୟ ଖେଳନା ପାଇଁ ବଜାର ବୃଦ୍ଧି ପାଉଛି। ବିଏସ୍ ନିୟମାବଳୀ ପୂର୍ବରୁ ଖେଳନା ଉପରେ ଭାରତର ନିର୍ଭରଶୀଳତାକୁ ଦେଖିବା, ତେବେ ଏହାର ୮୦ ପ୍ରତିଶତରୁ ଅଧିକ ଚାଇନା ଉପରେ ଆଧାରିତ ଥିଲା। ତେବେ ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ, ଦେଶର ଖେଳନା ଉତ୍ପାଦନର ୬୦ ପ୍ରତିଶତରୁ ଅଧିକ ରପ୍ତାନି ଆବଶ୍ୟକତା ପୂରଣ କରିବାକୁ ଯାଉଛନ୍ତି। ଏଥିରେ ୩୩ଟି ବର୍ଗର ଜିସିସି ଅନ୍ତର୍ଭୁକ୍ତ ହୋଇଛି ଯେଉଁଥିରେ ୟୁରୋପ ଏବଂ ଆମେରିକାର ଚାହିଦା ମଧ୍ୟ ଆସୁଛି। ଖୁବ୍‌ଶୀଘ୍ର ଏହି ପରିସୀମା ୪୦ଟି ଦେଶରେ ପହଞ୍ଚିବ ଏବଂ ସରକାରଙ୍କ ନୀତି ପରି ସମର୍ଥନ ମଧ୍ୟ ଏହା ପଛରେ ଏକ କାରଣ ଭାବରେ ବିବେଚନା କରାଯାଇପାରେ। ୨୦୨୩ ମସିହାରେ ଭାରତର ଖେଳନା ଶିଳ୍ପର ଆକାର ୧.୭ ବିଲିୟନ ଡଲାର ଥିଲା, ଯାହା ୨୦୩୨ ସୁଦ୍ଧା ୪.୪ ବିଲିୟନ ଡଲାରକୁ ବୃଦ୍ଧିପାଇବ ବୋଲି ଆଶା କରାଯାଉଛି। ୨୦୧୪ରୁ ୨୦୨୨-୨୩ ପର୍ଯ୍ୟନ୍ତ ଭାରତର ଖେଳନା ରପ୍ତାନି ୨୩୯ ପ୍ରତିଶତ ଏବଂ ଆମଦାନୀ ୫୨ ପ୍ରତିଶତ ହ୍ରାସ ପାଇଛି। ଅନ୍ୟପଟେ ମାର୍ଚ୍ଚ ୨୦୨୩ ରେ ଖେଳନା ଆମଦାନୀ ଉପରେ କଷ୍ଟମ ଡ୍ୟୁଟି ୭୦ ପ୍ରତିଶତକୁ ବୃଦ୍ଧି କରାଯାଇଛି।

## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୧୯।୩

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୩୬ (୭୩୬.୩୭) ପଏଣ୍ଟ କମି ୭୨,୦୧୨ (୭୨,୦୧୨.୦୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୩୮ (୨୩୮.୨୫) ପଏଣ୍ଟ ହ୍ରାସ ଘଟି ୨୧,୮୧୭ (୨୧,୮୧୭.୪୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

## ବଜାରରେ ସାମ୍‌ସଙ୍ଗ୍‌ର ମିଡ୍ ପ୍ରିମିୟମ ସେଗ୍‌ମେଣ୍ଟ

**ସାମ୍‌ସଙ୍ଗ୍ ଗାଲାକ୍ସି ଏ୫୫ ଆଣ୍ଡ ଏ୩୫ ୫ଜି ଉନ୍ମୋଚିତ**

ଭୁବନେଶ୍ୱର,୧୯।୩ (ଅଭୟ ଦାଶ)



ରିଷି କୁଲଶ୍ରେଷ୍ଠ

ସାମ୍‌ସଙ୍ଗ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଗାଲାକ୍ସି ଏ୫୫ ୫ଜି ଆଣ୍ଡ ଗାଲାକ୍ସି ଏ୩୫ ୫ଜିର ସର୍ବ ଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ସାମ୍‌ସଙ୍ଗ୍ ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏକ ଖବରଦାତା ସମ୍ମିଳନୀ ମଧ୍ୟ ଆୟୋଜିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ସାମ୍‌ସଙ୍ଗ୍ ଇଣ୍ଡିଆର ନିର୍ଦ୍ଦେଶକ (ଏମ୍‌ଏକ୍ସ ବିଜ୍‌ନେସ୍) ରିଷି କୁଲଶ୍ରେଷ୍ଠ ଯୋଗଦେଇ ଅନାବରଣ ଉତ୍ସବର ଆଭିମୁଖ୍ୟ ଓ ଉଭୟ ଗାଲାକ୍ସି ଏ୫୫ ୫ଜି ଆଣ୍ଡ ଗାଲାକ୍ସି ଏ୩୫ ୫ଜିର ବିଶେଷତ୍ୱ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

ସେହିଭଳି ଏହି ନୂତନ ଏ ଶୃଙ୍ଖଳ ଉପକରଣରେ ଅନେକ ଫ୍ଲାଗ୍‌ଶିପ୍ ବିଶେଷତ୍ୱ ରହିଥିଲାବେଳେ ଗରିଲା ଗ୍ଲାସ୍ ଭିକଟସ ଯୁକ୍ତ ସୁରକ୍ଷା, ଏଆଇ ଦ୍ୱାରା କ୍ୟାମେରା ବିଶେଷତ୍ୱ ବୃଦ୍ଧି, ଏକ ଟ୍ୟାମ୍ପର-ନିରୋଧକ ସୁରକ୍ଷାର ସମାଧାନ, ସାମ୍‌ସଙ୍ଗ୍ କ୍ନକ୍ସ ଭଲ୍ଟ ସହିତ ଅନ୍ୟାନ୍ୟ ନୂତନ ବିଶେଷତ୍ୱର ସମାହାର ରହିଛି। ଗତ ୨ ବର୍ଷ ମଧ୍ୟରେ ମିଡ୍ ପ୍ରିମିୟମ ସେଗ୍‌ମେଣ୍ଟ ଗାଲାକ୍ସି ଏ ଶୃଙ୍ଖଳ ସ୍ମାର୍ଟଫୋନ ଶୃଙ୍ଖଳ ସବୁଠାରୁ ଅଧିକ ବିକ୍ରୟ ହୋଇଥିବାବେଳେ ଏହା ଭାରତରେ ରହିଥିବା ଏମ୍‌ଜେଡ୍ ଗ୍ରାହକଙ୍କ ମଧ୍ୟରେ ସବୁଠାରୁ ଅଧିକ ଲୋକପ୍ରିୟ ଭାବେ ନିଜକୁ ପ୍ରଦର୍ଶିତ କରିପାରିଛି। ସେହିପରି ଗାଲାକ୍ସି ଏ୫୫ ୫ଜି ଏବଂ ଗାଲାକ୍ସି ଏ୩୫ ୫ଜିର ଶୁଭାରମ୍ଭ ଆମକୁ ପୁଣି ଥରେ ଆମର ଫ୍ଲାଗ୍‌ଶିପ୍-ଅଭିନବୀକରଣର ଜାଗ୍ରତାର ପ୍ରତିଶ୍ରୁତିବଦ୍ଧତାକୁ ମଜଭୁତ କରିପାରିଛି। ଅପରପକ୍ଷରେ ଗାଲାକ୍ସି ଏ୫୫ ୫ଜି ଏବଂ ଗାଲାକ୍ସି ଏ୩୫ ୫ଜି ଆମକୁ ୫ଜି ସ୍ମାର୍ଟଫୋନ ବିଭାଗରେ ତଥା ଏକ ଦ୍ରୁତଗାମୀ ବୃଦ୍ଧିପ୍ରାପ୍ତ ମିଡ୍-ପ୍ରିମିୟମ ସେଗ୍‌ମେଣ୍ଟ ୩୦,୦୦୦ରୁ ୫୦,୦୦୦ ଟଙ୍କା ମଧ୍ୟରେ ମାର୍କେଟ ଲିଡର କରାଇପାରିଛି ବୋଲି ରିଷି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଜେବିଏମ୍ ଅଟୋ ସହ ଜେଏସ୍‌ଏଲ୍‌ର ସହଭାଗିତା

ଭୁବନେଶ୍ୱର,୧୯।୩

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ଏବଂ ଜେବିଏମ୍ ଅଟୋ ଲିମିଟେଡ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା (ସହଭାଗିତା) ନିକଟରେ ହୋଇଯାଇଛି। ବିଶେଷକରି ଭାରତରେ ଇକୋ-ମୋବିଲିଟି ପାଇଁ ଜେଏସ୍‌ଏଲ୍ ୫୦୦ରୁ ଅଧିକ ଦକ୍ଷ ଷ୍ଟେନ୍‌ଲେସ୍ ଷ୍ଟିଲ୍ ବିଦ୍ୟୁତ୍‌ଚାଳିତ ବସ୍ ଉତ୍ପାଦନ ପାଇଁ ଜେବିଏମ୍ ଅଟୋ ସହ ସହଭାଗିତା (ଭାଗୀଦାରି) କରିଛି। ଏପରିକି ଜେବିଏମ୍ ଅଟୋକୁ ଜେଏସ୍‌ଏଲ୍ ଜେଟି ଟ୍ୟୁବ୍ ଯୋଗାଇବ, ଯାହାକି ନିମ୍ନ ଅଙ୍ଗାରକ,କ୍ରୋମିୟମ ମାଙ୍ଗାନିଜ୍ ଅଷ୍ଟେନିଟିକ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଦ୍ୱାରା ନିର୍ମିତ ହୋଇଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ସଷ୍ଟେନେବଲ ମୋବିଲିଟିର ଭବିଷ୍ୟତକୁ ଭାରତରେ ସାକାର କରିବା ପାଇଁ ଆମେ ଜେବି ଅଟୋ ସହ ସହଭାଗିତା କରିପାରିଥିବାରୁ ବେଶ୍ ଉତ୍ସାହିତ ଅଛୁ। ଏପରିକି କମ୍ ଓଜନର ଯାନବାହନ ଶକ୍ତି ବ୍ୟବହାରକୁ ଉନ୍ନତ କରିବା ସହ ପରିବହନ କ୍ଷେତ୍ରରେ କାର୍ବନ ପଦଚିହ୍ନ ହ୍ରାସ କରିବା ସହ ଷ୍ଟେନ୍‌ଲେସ୍ ଷ୍ଟିଲର କ୍ଷୟ ପ୍ରତିରୋଧୀ କ୍ଷମତା ନିୟମିତ ମରାମତି ଓ ରକ୍ଷଣାବେକ୍ଷଣର ଆବଶ୍ୟକତା ଏବଂ ଖର୍ଚ୍ଚକୁ କମାଇବା ସହ ସବୁଠାରୁ ସୁଲଭ ସମାଧାନ ଭାବେ ପ୍ରମାଣିତ କରିବ। ଜେବିଏମ୍ ଅଟୋ ସହ ଆମର ଭାଗୀଦାରି ଦ୍ୱାରା ଆମେ ଗଣ ପରିବହନର ସବୁଜ ମାଧ୍ୟମଗୁଡିକର ବିକାଶରେ ଯୋଗଦାନ କରିବୁ। ସେହିଭଳି ଜେବିଏମ୍ ଅଟୋ ଲିମିଟେଡ୍‌ର ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ନିଶାନ୍ତ ଆର୍ଯ୍ୟ କହିଛନ୍ତି, ନବୋନ୍ମେଷ ଦିଗରେ ଆମର ପ୍ରତିବଦ୍ଧତା ସ୍ମାର୍ଟ, ସମ୍ବନ୍ଧିତ, ଅଟୋନୋମସ୍ ଓ ଶେୟାରଡ୍ ମୋବିଲିଟି ସଲ୍ୟୁସନ୍ ଦ୍ୱାରା ପରିଚାଳିତ ହୋଇଥିବାବେଳେ ସ୍ୱଚ୍ଛ ପରିବହନ ଆମର ମାର୍ଗଦର୍ଶକ ଏବଂ ଏଣ୍ଡ-ଟୁ-ଏଣ୍ଡ୍ ଇଲେକ୍ଟ୍ରିକ ମୋବିଲିଟି ଇକୋସିଷ୍ଟମ୍ ତିଆରି କରିବା ସହ ବୈଦ୍ୟୁତିକ ଯାନ ଗ୍ରହଣଶୀଳତାକୁ ଆଗେଇନେବା ପାଇଁ ଆମେ ସମର୍ପିତ ରହିଛୁ।

# ଆର୍‌ବିଆଇର ଦିନିକିଆ ଟାଉନ୍ ହଲ୍ ମିଟିଂ




ଭୁବନେଶ୍ୱର,୧୯।୩

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏକ ଦିନିକିଆ ଟାଉନ୍ ହଲ୍ ମିଟିଂ(ବୈଠକ) ମଙ୍ଗଳବାର ବାଲେଶ୍ୱରର ଏନ୍‌ଓସିସିଆଇ ବିଜ୍‌ନେସ୍ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ସୂକ୍ଷ୍ମ ଏବଂ ଲଘୁ ଓ ମଧ୍ୟମ ଉଦ୍ୟୋଗୀ (ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକ ନିକଟରେ ପହଞ୍ଚିବା ସହ ବ୍ୟାଙ୍କିଙ୍ଗ୍ ସୁବିଧା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ବୈଠକ ହୋଇଥିଲା। ଏପରିକି ଉକ୍ତ ବୈଠକରେ ଏମ୍‌ଏସ୍‌ଏମ୍‌ଇ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା ମଧ୍ୟ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଆର୍‌ବିଆଇ ଭୁବନେଶ୍ୱରର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକ ଆୟୋଜିତ ହୋଇଥିବାବେଳେ ଓଡ଼ିଶା ଶିଳ୍ପ ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡି, ଏସ୍‌ଏଲ୍‌ବିସି ମହାପ୍ରବନ୍ଧକ ତଥା କନ୍‌ଭେନର ଗୌତମ ପାତ୍ର, ସିଡ୍‌ବିର ଉପମହାପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ଚୌଧୁରୀଙ୍କ ସମେତ ଏସ୍‌ବିଆଇ ଓ ବିଓଆଇର ଉପମହାପ୍ରବନ୍ଧକ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ବାଲେଶ୍ୱର ଜିଲାର ଏମ୍‌ଏସ୍‌ଏମ୍‌ଇ ସଂଘ ଯଥା ବିସିଆଇସି, ଏନ୍‌ଓସିସିଆଇ, ବାଲେଶ୍ୱର ଜିଲା ଶିଳ୍ପକେନ୍ଦ୍ରର ମହାପ୍ରବନ୍ଧକ, ଆଞ୍ଚଳିକ ପ୍ରବନ୍ଧକ ଏବଂ ବାଲେଶ୍ୱର ଜିଲାର ପ୍ରମୁଖ ବ୍ୟାଙ୍କର ଅନ୍ୟ ଅଧିକାରୀ, ଏଲ୍‌ଡିଏମ୍, ଡିଡିଏମ୍ (ନାବାର୍ଡ) ଓ ଆର୍‌ଏସ୍‌ଇଟିଆଇ ନିର୍ଦ୍ଦେଶକ, ବାଲେଶ୍ୱର ଜିଲାର ଅନ୍ୟ ଉଦ୍ୟୋଗୀଙ୍କ ସମେତ ୧୭୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅପରପକ୍ଷରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନଙ୍କ ପାଇଁ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ଅଂଶଗ୍ରହଣକାରୀ ସେମାନଙ୍କ ପ୍ରଶ୍ନ ପଚାରିବା ସହ ବ୍ୟାଙ୍କ ଫାଇନାନ୍ସ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସଙ୍ଗରେ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ସେମାନଙ୍କ ମତାମତ ପ୍ରଦାନ କରିଥିଲେ।

# ଏମ୍ ଆଣ୍ଡ ଏମ୍ ସହ ବନ୍ଧନ ବ୍ୟାଙ୍କର ବୁଝାମଣା

ଭୁବନେଶ୍ୱର,୧୯।୩

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା (ଏମ୍ ଆଣ୍ଡ ଏମ୍) ଏବଂ ବନ୍ଧନ ବ୍ୟାଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା (ଚୁକ୍ତିନାମା) ନିକଟରେ ହୋଇଯାଇଛି। ବିଶେଷକରି ବନ୍ଧନ ବ୍ୟାଙ୍କର ଗ୍ରାହକମାନଙ୍କୁ ବ୍ୟବସାୟିକ ଯାନ ଏବଂ ଉପକରଣ ଉପରେ ସୁବିଧାଜନକ ଆର୍ଥିକ ସମାଧାନ ପ୍ରଦାନ କରିବା ପାଇଁ ଏମ୍ ଆଣ୍ଡ ଏମ୍ ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଉକ୍ତ ବୁଝାମଣା ଅନୁଯାୟୀ ବନ୍ଧନ ବ୍ୟାଙ୍କ ସମଗ୍ର ବ୍ୟବସାୟିକ ଯାନ ଏବଂ ବାଣିଜ୍ୟିକ ଉପକରଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବ ଏବଂ ଗ୍ରାହକମାନେ ବ୍ୟାଙ୍କର ବ୍ୟାପକ ନେଟ୍‌ୱର୍କ ଏବଂ ସହଜ ପରିଶୋଧ ଯୋଜନାରୁ ଉପକୃତ ହେବେ।

ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଉପଭୋକ୍ତା ଋଣ ଏବଂ ବନ୍ଧକ ମୁଖ୍ୟ ସନ୍ତୋଷ ନାୟାର କହିଛନ୍ତି, ବନ୍ଧନ ବ୍ୟାଙ୍କ ନିରବଚ୍ଛିନ୍ନ ଯାନ ଫାଇନାନ୍ସିଂ ସମାଧାନ ପ୍ରଦାନ କରିବା ପାଇଁ ଏମ୍ ଆଣ୍ଡ ଏମ୍ ସହ ସହଭାଗିତା ସ୍ଥାପନକରି ବେଶ୍ ଉତ୍ସାହିତ ଅଛୁ। ବ୍ୟବସାୟିକ ଯାନ ଏବଂ ଉପକରଣ ଗ୍ରାହକଙ୍କ ବିବିଧ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଏହି ସହଭାଗିତା ଆମ ସମର୍ପଣକୁ ପ୍ରତିଫଳିତ କରୁଛି। ସେହିଭଳି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ବ୍ୟବସାୟିକ ଯାନ ବ୍ୟବସାୟ ମୁଖ୍ୟ ଜଲାଲ ଗୁପ୍ତା କହିଛନ୍ତି, ଏହି ସହଭାଗିତା ଆମ ଗ୍ରାହକମାନଙ୍କୁ ସର୍ବୋତ୍ତମ ଆର୍ଥିକ ସମାଧାନ ପ୍ରଦାନ କରିବାରେ ସାହାଯ୍ୟ କରିବ ଏବଂ ଆବଶ୍ୟକ ପ୍ରୋତ୍ସାହନ ଓ ଆତ୍ମବିଶ୍ୱାସ ପ୍ରଦାନ କରିବ ତଥା ସେମାନଙ୍କୁ ସମୃଦ୍ଧ କରିବାରେ ସହାୟକ ହେବ।

# ପରିବେଶର ଥର୍ମୋମିଟର, ଘରଚଟିଆ

କିଚିରିମିଚିରି ହୋଇ ଘର ଅଗଣାରେ ଡେଇଁଥିବା ଛୋଟ ଚଢ଼େଇଟିଏ ଘରଚଟିଆ। ସମସ୍ତଙ୍କୁ ଖୁସି ଦେଇ ନିଜ ଜୀବନରେ ମଜି ରହିଥିବା ଏହି ପ୍ରଜାତି ଏବେ ସଙ୍କଟରେ। ସେମାନଙ୍କ ସୁରକ୍ଷା ଲାଗି ସଚେତନତା ବ୍ୟାପକ କରିବାକୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖରେ ପାଳିତ ହେଉଛି ବିଶ୍ୱ ଘରଚଟିଆ ଦିବସ।

ହାତ ପାପୁଲିରେ ଧରିପାରିବା ଭଳି ଚଢ଼େଇଟିଏ ଘରଚଟିଆ। ପ୍ରକୃତିର ଦୂତ ସେ। ଘରଚଟିଆ ଖୁସିରେ ଶବ୍ଦ କରି ଡେଇଁ ଡେଇଁ ବୁଲିବା ସୂଚାଏ ଯେ ପ୍ରକୃତିର ସନ୍ତୁଳନ ଠିକ୍ ରହିଛି। ତେଣୁ ପୂର୍ବପୁରୁଷମାନେ ଘରଚଟିଆକୁ ପରିବେଶର ଥର୍ମୋମିଟର ବୋଲି କହୁଥିଲେ। ସାରା ବିଶ୍ୱରେ ୪୩ ପ୍ରକାର ଘରଚଟିଆ ଅଛନ୍ତି। ଏମାନଙ୍କର ମୁଖ୍ୟ ଖାଦ୍ୟ କୀଟପତଙ୍ଗ ହୋଇଥିଲେ ବି ମଣିଷଙ୍କ ମେଳରେ ରହି ଶସ୍ୟ ଖାଇବା ଶିଖିଯାଇଥିଲେ। ଘରଚଟିଆ କୀଟପତଙ୍ଗ ଦାଉରୁ ଫସଲକୁ ସୁରକ୍ଷା ଦେଇଥାଏ। ୧୯୫୦ ମସିହାରେ ଚାଇନା ଘରଚଟିଆକୁ ନିପାତ କରିବା ଲାଗି ପଦକ୍ଷେପ ନେଲା। ସେମାନେ ଭାବିଥିଲେ ଯେ ଖାଦ୍ୟ ସନ୍ଧାନରେ ଘରଚଟିଆ ଫସଲ ନଷ୍ଟ କରୁଛନ୍ତି। ହେଲେ ସେଠାରେ ଘରଚଟିଆ ସଂଖ୍ୟା ଯେମିତି କମିଲା କୀଟପତଙ୍ଗଙ୍କ ଆକ୍ରମଣରେ ଫସଲ ସେହିପରି ନଷ୍ଟ ହେବାକୁ ଲାଗିଲା। ଏବେ ଅତ୍ୟାଧୁନିକ ପରିବେଶରେ ଅଣନିଃଶ୍ୱାସୀ ହୋଇପଡୁଛି ଘରଚଟିଆ। ସବୁଆଡ଼େ କଂକ୍ରିଟ୍ ଅଟାଳିକାର ଭିଡ଼ ଭିତରେ ତା'ର ପ୍ରାକୃତିକ ବାସସ୍ଥାନ ରହୁନାହିଁ। ମୋବାଇଲ୍ ଟାୱାରର ବିକିରଣ, ଖାଦ୍ୟାଭାବ ଏହି ଚଢ଼େଇଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାର କାରଣ ପାଲଟିଛି। ଭାରତ ସହିତ ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଚେକ୍ ଗଣରାଜ୍ୟ, ବେଲ୍‌ଜିୟମ୍, ଇଟାଲି ଏବଂ ଫିନ୍‌ଲାଣ୍ଡ ଆଦି ସହରରେ ଘରଚଟିଆ ସଂଖ୍ୟା କମିବାରେ ଲାଗିଛି।

### ଘରଚଟିଆ କମିବାର କେତେକ ପ୍ରମୁଖ କାରଣ

ଆଧୁନିକ ଘରଗୁଡ଼ିକର ନିର୍ମାଣଶୈଳୀରେ ସ୍କାଇଲାଇଟ୍ କିମ୍ବା ପକ୍ଷୀ ବସା କରିପାରୁଥିବା ପରି କୌଣସି ସ୍ଥାନ ନାହିଁ। ଏହି ସ୍ଥାନଗୁଡ଼ିକରେ ଘରଚଟିଆ ବସା କରିଥାନ୍ତି।

▸▸ଫସଲ ପ୍ରତି କ୍ଷତିକାରକ କୀଟପତଙ୍ଗ ଘରଚଟିଆର ମୁଖ୍ୟ ଖାଦ୍ୟ। ଏବେ ମାତ୍ରାଧିକ କୀଟନାଶକ ପ୍ରୟୋଗରୁ ତା'ର ପ୍ରାକୃତିକ ଖାଦ୍ୟସ୍ରୋତ ନଷ୍ଟ ହୋଇଯାଉଛି। ପୁଣି ଘରଚଟିଆର ଶାବକମାନେ କେବଳ କୀଟ ଲାର୍ଭା ଖାଉଥିବା ବେଳେ ସେଗୁଡ଼ିକ ଆଦୌ ମିଳୁନାହିଁ।

▸▸ଘରଚଟିଆ ପ୍ରାୟ ସମୟରେ ଘର ଭିତରକୁ ପଶିଆସୁଥିବା ବେଳେ ବୁଲୁଥିବା ଫ୍ୟାନ୍‌ରେ ବାଜି ମୃତ୍ୟୁମୁଖରେ ପଡ଼େ।

▸▸ମୋବାଇଲ୍ ଫୋନ୍ ଟାୱାରଗୁଡ଼ିକରୁ ବାହାରୁଥିବା ବିଦ୍ୟୁତ୍ ଚୁମ୍ବକୀୟ ବିକିରଣରେ ଘରଚଟିଆର ସ୍ନାୟୁତନ୍ତ୍ର ପ୍ରଭାବିତ ହୋଇଥାଏ।

▸▸ଘରଚଟିଆ ଅଣ୍ଡା ଉପରେ ୧୦-୧୪ ଦିନ ଧରି ବସିଲେ ସେଥିରୁ ଶାବକ ଫୁଟିଥାନ୍ତି। ହେଲେ ମୋବାଇଲ୍ ଟାୱାର ପାଖାପାଖି ଯଦି ବସା ଥାଏ ତେବେ ସେ ୩୦ ଦିନ ଅଣ୍ଡା ଉପରେ ବସିଲେ ମଧ୍ୟ ଶାବକ ବାହାରିବା କଷ୍ଟ ହେଉଛି।

▸▸ଅନ୍‌ଲିଡେଡ୍ ପେଟ୍ରୋଲ୍‌ରୁ ବାହାରୁଥିବା ମିଥେନ୍ ଏବଂ ନାଇଟ୍ରେଟ୍ ସହିତ ରାସାୟନିକ ସାର ଘରଚଟିଆର ପ୍ରାକୃତିକ ଖାଦ୍ୟ ନଷ୍ଟ କରିଦେଉଛି।

## ଆଜି ବିଶ୍ୱ ଘରଚଟିଆ ଦିବସ



### ଫେରିବ ଘରଚଟିଆ

ଘରଚଟିଆ ସଂଖ୍ୟା ବୃଦ୍ଧି ପାଇଁ ପ୍ରଥମେ ଏହାର ବାସସ୍ଥାନ ଲାଗି ସୁରକ୍ଷିତ ସ୍ଥାନ ଯୋଗାଇଦେବା ଆବଶ୍ୟକ; ଯେଉଁଠାରେ ସେ ସହଜରେ ବସା ବାନ୍ଧିପାରିବ। ଏହା ସହିତ ସେଠାରେ ଘରଚଟିଆ ଅଣ୍ଡା ଏବଂ ଶାବକ ଅନ୍ୟ ଆକ୍ରମଣକାରୀ ପକ୍ଷୀଠାରୁ ସୁରକ୍ଷିତ ରହିପାରୁଥିବ। ଘର ଛାତ ଉପରେ ଜୋତା, ଡବା, ମାଠିଆ, କାଠବାକ୍ସ ଆଦି ରଖିଲେ ଘରଚଟିଆ ବସା କରିପାରିବ। ତେବେ ସେଠାକୁ ବିଲେଇ, କୁକୁର ଆଦି ଯାଇପାରୁ ନ ଥିବା ଜରୁରୀ।

### ଜୀବନ ବଦଳାଇ ଦେଲା

ଦିନେ ଶିକାରୀ ହେବା ଲାଗି ଇଚ୍ଛା କରୁଥିବା ଜଣୈକ କିଶୋରଙ୍କ ଜୀବନରେ ଘରଚଟିଆ ଏପରି ପରିବର୍ତ୍ତନ ଆଣିଥିଲା ଯେ ସେ ପକ୍ଷୀ ଶିକାର କରିବା ବଦଳରେ ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣ ପାଇଁ ଚିନ୍ତା କଲେ ଏବଂ ଭାରତର ପକ୍ଷୀ ମଣିଷ (ବାର୍ଡ ମ୍ୟାନ୍ ଅଫ୍ ଇଣ୍ଡିଆ) ଭାବେ ପରିଚିତ ହୋଇଥିଲେ। ଭରତପୁରଠାରେ ଥିବା କେବଲାଦେବ ପକ୍ଷୀ ଅଭୟାରଣ୍ୟ ତାଙ୍କ ଏକନିଷ୍ଠ ପ୍ରୟାସର ଫଳ। ସଲିମ୍ ଅଲ୍ଲୀ ନାମକ ଏହି ବ୍ୟକ୍ତିତ୍ୱ ପିଲାଦିନେ ଏକ ବିରଳ ପ୍ରଜାତିର ଘରଚଟିଆ ମାରିଦେଇଥିଲେ, ଯାହା ପରେ ତାଙ୍କୁ ପକ୍ଷୀଙ୍କ ସମ୍ପର୍କରେ ଗବେଷଣା ଏବଂ ସେମାନଙ୍କ ସଂରକ୍ଷଣ କରିବା ଦିଗରେ ପ୍ରେରିତ କରିଥିଲା। ଏପରି କି ସେ ନିଜ ଆତ୍ମଜୀବନୀର ନାମ ରଖିଥିଲେ 'ଦି ଫଲ୍ ଅଫ୍ ଏ ସ୍ପାରୋ'। -୨୦୧୦ ମାର୍ଚ୍ଚ ୨୦ ତାରିଖରୁ ବିଶ୍ୱ ଘରଚଟିଆ ଦିବସ ପାଳନ ଆରମ୍ଭ ହୋଇଛି। ଘରଚଟିଆର ଜୀବନକାଳ ୧୧ରୁ ୧୩ ବର୍ଷ। ସମୁଦ୍ର ପତନଠାରୁ ୧୫୦୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଏହି ପକ୍ଷୀ ଦେଖାଯାଇଥାନ୍ତି। ଏହାର ବୈଜ୍ଞାନିକ ନାମ ପାସର ଡେମେଷ୍ଟିକସ୍।-ଘରଚଟିଆର ସୁରକ୍ଷା ପାଇଁ ଦିଲ୍ଲୀ ସରକାର ଏହାକୁ ରାଜ୍ୟପକ୍ଷୀ ଘୋଷଣା କରିଛନ୍ତି।

ଦିଲ୍ଲୀର ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜରେ ଘରଚଟିଆ ଯେପରି ବସା ବାନ୍ଧିପାରିବେ ସେଥିପାଇଁ ସ୍ଥାନ ଓ ପାଣି ରଖିବାର ବ୍ୟବସ୍ଥା କରାଯାଇଛି। ତେଣୁ ପ୍ରତ୍ୟେକ ଘରେ ଯଦି ଏହି ଛୋଟ ଚଢ଼େଇଟି ପାଇଁ ଗୋଟିଏ କୋଣ ପ୍ରସ୍ତୁତ କରାଯାଇ ପାରନ୍ତା, ଏହା ସେମାନଙ୍କ ସୁରକ୍ଷା ଓ ସଂଖ୍ୟା ବୃଦ୍ଧି ଦିଗରେ ସହାୟକ ହୋଇପାରନ୍ତା। ଏଥିପାଇଁ ସରକାରୀ ଓ ବ୍ୟକ୍ତିଗତ ସ୍ତରରେ ପ୍ରୟାସ ଆବଶ୍ୟକ। ଘରଚଟିଆ ପ୍ରକୃତି ଏବଂ ମଣିଷର ବନ୍ଧୁ। ଏହାର ସୁରକ୍ଷା କଲେ ମଣିଷ ନିଜର ସୁରକ୍ଷା କରିପାରିବ।

-ପୀତାମ୍ବର ରାଉତ
ଆବାହକ, ବାୟାଚଢ଼େଇ ସୁରକ୍ଷା ଅଭିଯାନ, ନିଆଳୀ, କଟକ, ମୋ:୯୯୩୭୬୬୨୧୮୭

**ପ୍ରଥମ ପୃଷ୍ଠାରୁ**

## କଟକରେ ସୁନା...

କାରିଗର ଅଲିଶା ବଜାର ଅଞ୍ଚଳର ପ୍ରଦୀପ ପୃଷ୍ଟି, ଯୁବ ସଭାପତି ମନୋଜ ମହାରଣା, ଶ୍ରୀଶ୍ରୀ ମଦନ ମୋହନଜୀଉ ଦୁର୍ଗା କମିଟି କାଠଗଡ଼ା ସାହିର ଯୁବକ ସଂଘ ସମ୍ପାଦକ ତଥା କର୍ପୋରେଟର ଗଗନ ଓଝା ଯୋଗଦେଇଥିଲେ। ଏ ନେଇ କର୍ପୋରେଟର ଓଝା କହିଛନ୍ତି, ଉକ୍ତ ବିମାନକୁ ସମ୍ପୂର୍ଣ୍ଣ ଭାବେ ସୁନା ଅଳଙ୍କାରରେ ସୁସଜ୍ଜିତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଚଳିତବର୍ଷ ୭୦ ପ୍ରତିଶତ କାମ ସରିଥିବାବେଳେ ଏହାକୁ ଉଦ୍‌ଘାଟନ କରାଯାଇଛି। ୨.୫ କେଜି ସୁନା ଅଳଙ୍କାରରେ ଏହି ବିମାନକୁ ଅଳଙ୍କୃତ କରାଯାଇଥିବା ସେ କହିଛନ୍ତି। ବ୍ରାହ୍ମଣଙ୍କ ଦ୍ୱାରା ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। କମିଟିର ପୂର୍ବରୁ ଚାନ୍ଦି ବିମାନ ରହିଥିବାବେଳେ ଚଳିତବର୍ଷ ସୁନା ଅଳଙ୍କାରର ବିମାନ କରାଯାଇଛି। ସୁନା ବିମାନ ପ୍ରଥମେ ସାହି ପରିକ୍ରମା କରିବା ପରେ ମଙ୍ଗଳବାର ପ୍ରଥମ ଦିନରେ ୨୫ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ରଘୁନାଥଜୀଉ ଦୋଳ ମେଳଣରେ ସାମିଲ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ମଣ୍ଡଳୀର ଲକ୍ଷ୍ମୀଧର ପ୍ରଧାନ, ଛବି ମିତ୍ର, କାଳନ୍ଦୀ ଓଝା, ଶିବପ୍ରସାଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ଗ୍ରାମ କମିଟି ସଭ୍ୟ ହରିହର ସାହୁ, ବାପି ବାରିକ, ରଘୁନାଥ ସାହୁଙ୍କ ସମେତ ଗ୍ରାମର ସମସ୍ତ ଯୁବ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟ ଉପସ୍ଥିତ ଥିଲେ।

## ୩ ବନ କର୍ମଚାରୀଙ୍କୁ...

ଦୁଇ ବନ କର୍ମଚାରୀଙ୍କୁ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା କରାଯିବା ପରେ ସର୍ଜରି ବିଭାଗକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଜଣେ ବନ କର୍ମଚାରୀଙ୍କ ଗୋଡ଼ରୁ ଗୁଳି କଢ଼ାଯାଇଛି। ଅନ୍ୟଜଣଙ୍କ ଗୋଡ଼ରୁ ଗୁଳି କଢ଼ାଯାଇନାହିଁ। ଚିକିତ୍ସା ନେଇ ସର୍ଜରି ଓ ଅର୍ଥୋପେଡିକ ବିଭାଗର ଡାକ୍ତର ନିୟୋଜିତ ରହିଥିବା ମେଡିକାଲ ପକ୍ଷରୁ ସୂଚନା ରହିଛି। ଏନେଇ ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ ସୂଚନା ଦେଇ କହିଛନ୍ତି ଯେ, ଦୁଇ ବନ କର୍ମଚାରୀଙ୍କ ମଧ୍ୟରୁ ଜଣଙ୍କ ଗୋଡ଼ରୁ ଗୁଳି କଢ଼ାଯାଇନାହିଁ। ସମସ୍ତ ପରୀକ୍ଷା ନିରୀକ୍ଷା କରାଯାଇଛି। ଏହାସହ ସର୍ଜରି ବିଭାଗରେ ସପ୍ତମ ୟୁନିଟ୍‌ରେ ଡା. ସସ୍ମିତା ସେଠୀଙ୍କ ନେତୃତ୍ୱରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି। ବିଭାଗୀୟ ମୁଖ୍ୟଙ୍କ ସହ ଆଲୋଚନା କରାଯାଇ ଗୁଳି କଢ଼ାଯିବ। ଦୁଇ ବନ କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ନେଇ ରାଉତ କହିଛନ୍ତି।

ସୋମବାର ରାତି ପ୍ରାୟ ୮ଟା ବେଳେ ପଞ୍ଚଲିଙ୍ଗେଶ୍ୱର ବିଟ୍ ଅଞ୍ଚଳରେ କିଛି ଶିକାରୀ ପଶିଥିବା ଖବରପାଇ ପଞ୍ଚଲିଙ୍ଗେଶ୍ୱର ବିଟ୍ ଫରେଷ୍ଟଗାର୍ଡ ସିଂରାୟ୍ ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ୮ଜଣିଆ ଟିମ୍ ଜଙ୍ଗଲକୁ ଯାଇଥିଲା। ସେଠାରେ ବିଭିନ୍ନ ସ୍ଥାନ ଖୋଜାଖୋଜି କରିବା ପରେ ରାତି ପ୍ରାୟ ୨ଟା ବେଳେ ଅଭୟାରଣ୍ୟ ମଧ୍ୟସ୍ଥ ଧାନଶୁଆ ଚତୁରୀ ନିକଟରେ ପାଟ୍ରୋଲିଂ ଟିମ୍ ସହିତ ୨ଜଣ ଶିକାରୀଙ୍କ ମୁହାଁମୁହିଁ ହୋଇଥିଲା। ଶିକାରୀ ଖସିଯିବାକୁ ଚେଷ୍ଟା କରିଥିବା ବେଳେ ବନ ବିଭାଗ କର୍ମଚାରୀମାନେ ବାଧାଦେବାରୁ ଗୁଳିମାଡ଼ର ଶିକାର ହୋଇଥିଲେ। ଏଥିରେ କ୍ଷୀତିଶ ପରିଡ଼ା ଓ ବିରଞ୍ଚି ଜେନା ଦୁଇଜଣ ସବୁଜବାହିନୀ କର୍ମଚାରୀଙ୍କ ଗୋଡ଼ରେ ଗୁରୁତର ଆଘାତ ଲାଗିଥିବା ବେଳେ ଫରେଷ୍ଟଗାର୍ଡ ସିଂରାୟ୍ ହେମ୍ବ୍ରମ ସାମାନ୍ୟ ଆହତ ହୋଇଛନ୍ତି। ବନ ବିଭାଗ ୨ ଜଣ ଶିକାରୀଙ୍କୁ ଗିରଫ କରିବା ସହିତ ବନ୍ଧୁକ ଜବତ କରିଛି। ଅଭିଯୁକ୍ତ ଶିକାରୀ ହେଲେ ନୀଳଗିରି ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ କଣ୍ଟାବଣିଆ ଗ୍ରାମର ଗୁନା ସିଂ (୩୦) ଓ ବରହମପୁର ଥାନା କଳାକାଦ ସିଆଡିମାଳର ସନିଆ ସିଂ (୪୦)। ଅନ୍ୟପକ୍ଷରେ କୁଲଡିହା ଅଭୟାରଣ୍ୟ ଆଖପାଖ ଅଞ୍ଚଳରେ ପାଟ୍ରୋଲିଂ ଜୋରଦାର କରାଯିବ ବୋଲି ବନ ବିଭାଗ ଚେତାବନୀ ଦେଇଛି। ଶିମିଳିପାଳ କୁଲଡିହା ଅଭୟାରଣ୍ୟରେ ଟାଇଗର ପ୍ରୋଟେକ୍ସନ ଫୋର୍ସ ଓ ଏକ୍ସ ଆର୍ମି ଟିମ୍ ପକ୍ଷରୁ ମିଳିତ ଭାବେ କୋମ୍ବିଂ କରାଯିବ। ଏହାସହ ଅଭୟାରଣ୍ୟ ସଂଯୋଗ କରୁଥିବା ଅଞ୍ଚଳରେ ଶିକାରୀଙ୍କୁ ବନ୍ଧୁକ ସହ ଆତ୍ମସମର୍ପଣ କରିବାକୁ ଚେତାବନୀ ଦିଆଯାଇଛି। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ ବନ୍ୟପ୍ରାଣୀ ନିରାପତ୍ତା ଆଇନ ଓ ହତ୍ୟା ଉଦ୍ୟମ ଭଳି ଗୁରୁତର ଦଫା ଲଗାଯିବ ବୋଲି ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। କୁଲଡ଼ିହା ବନ ବିଭାଗ ପକ୍ଷରୁ ମଙ୍ଗଳବାର ମାମଲା ନଂ. ୨୮କେ ରୁଜୁ କରାଯାଇ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉଲ୍ଲେଖଯୋଗ୍ୟ, ଶିମିଳିପାଳକୁ ଲାଗି କୁଲଡ଼ିହା ଅଭୟାରଣ୍ୟ ରହିଥିବା ବେଳେ ଏହାର ଚାରିପାଖରେ ଅନେକ ଜନବସତି ରହିଛି। ଅଧିକାଂଶ ସମୟରେ ଉକ୍ତ ଅଞ୍ଚଳଗୁଡିକରେ ଦେଶୀ ବନ୍ଧୁକ ଜବତ ହୋଇଛି। ଏବେବି ଏସବୁ ଅଞ୍ଚଳରେ ଅନେକ ଦେଶୀ ବିଦେଶୀ ବନ୍ଧୁକ ଥିବା ବନ ବିଭାଗ ସୂଚନା ପାଇଛି।

## ୨ ଥର ଅନୁରୋଧ...

ସରକାର ଅନୁମତି ଦେଇନାହାନ୍ତି ବୋଲି ସିବିଆଇ ନିଜ ସତ୍ୟପାଠରେ ଦର୍ଶାଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ ଓ ବିଚାରପତି ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଆଗାମୀ ଦୁଇ ସପ୍ତାହ ପରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ୨୦୦୯ ସେପ୍ଟେମ୍ବର ୯ ତାରିଖରେ ପାରାଦୀପ ସମୁଦ୍ର ଉପକୂଳରୁ ୫ କିଲୋମିଟର ଦୂରରେ ଭାରସାମ୍ୟ ହରାଇ ବ୍ଲାକରୋଜ ଜାହାଜ ବୁଡ଼ି ଯାଇଥିଲା। ଉକ୍ତ ଜାହାଜରେ ପ୍ରାୟ ୨୩,୫୦୦ ମେଟ୍ରିକ ଟନ୍ ଲୁହାପଥର ଏବଂ ୯୨୦ ମେଟ୍ରିକ୍ ଟନ ଫର୍ନେସ ଅଏଲ ବୋଝେଇ ହୋଇଥିଲା। ଏହି ସାମୁଦ୍ରିକ ଦୁର୍ଘଟଣା ସମୟରେ ଜାହାଜରେ ୨୭ଜଣ ଥିଲେ। ସେମାନଙ୍କ ମଧ୍ୟରୁ ୨୬ଜଣ ଉଦ୍ଧାର ହୋଇଥିବାବେଳେ ଜଣେ ଯନ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଜାହାଜଟି ସମୁଦ୍ରରେ ଦୀର୍ଘ ଦିନ ଧରି ପଡ଼ି ରହିବାରୁ ପାଣିରେ ତେଲ ଭାସିଥିଲା। ହେଲେ ଜାହାଜକୁ କୂଳକୁ ଆଣିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଜାହାଜଟି ଏବେ ପାଣିରେ ସମ୍ପୂର୍ଣ୍ଣ ବୁଡ଼ିଯାଇଛି। ଜାହାଜଟି ଭାରତୀୟ ସମୁଦ୍ର ସୀମାରେ ବୁଡ଼ିଯାଇଥିବାରୁ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଦୃଷ୍ଟିରେ ରଖି ଉକ୍ତ ଜାହାଜ ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରିବା ସହ ଘଟଣାର ସିବିଆଇ ତଦନ୍ତ କରିବାକୁ ଭାରତ ସରକାରଙ୍କ ଜାହାଜ ମନ୍ତ୍ରଣାଳୟ ୨୦୧୮ରେ ନିଷ୍ପତ୍ତି ନେଇଥିଲା। ଏନେଇ ପାରାଦୀପ ପୋର୍ଟ ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ ମଧ କରାଯାଇଥିଲା। ସିବିଆଇ ପକ୍ଷରୁ ରାଜ୍ୟ ସରକାରଙ୍କୁ ୨୦୧୯ ନଭେମ୍ବରରେ ଚିଠି ଲେଖାଯାଇଥିଲା। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ଉତ୍ତର ନ ମିଳିବାରୁ ୨ମାସ ପରେ ପୁନର୍ବାର ଆଉ ଏକ ଚିଠି ମଧ ଦିଆଯାଇଥିଲା। ତଥାପି ରାଜ୍ୟ ସରକାର ଏନେଇ କୌଣସି ଅନୁମତି ଦେଇ ନ ଥିଲେ। ଏପରିକି ଜାହାଜ ସମ୍ପର୍କରେ ଅଧିକ ଖୋଳତାଡ଼ କରିବାକୁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରି ନ ଥିଲେ। ରାଜ୍ୟ ସରକାର ଅନୁମତି ନ ଦେବା ଫଳରେ ସିବିଆଇ ତଦନ୍ତ ଆରମ୍ଭ ହୋଇପାରିନି ବୋଲି ମଙ୍ଗଳବାର ସିବିଆଇ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି।

## ଜଙ୍ଗଲ ନିଆଁ...

କେହି ଉଦ୍ୟମ କରି ନ ଥିଲେ। ଏପରି କି ବନ ବିଭାଗ ନିକଟରେ ମଧ ଖବର ନ ଥିଲା। କିନ୍ତୁ ହରିଜନ ସାହିର ୭ ଜଣ ନାବାଳିକା ନନ୍ଦିନୀ ନାଏକ, ଜନନୀ ନାଏକ, ରାଣୀ ନାଏକ, ଲକ୍ଷ୍ମୀ ନାଏକ, ରିନା ନାଏକ, ଅଞ୍ଜଳି ନାଏକ ଏବଂ ରିମା ନାଏକ ଏହା ଜାଣି ଗାଁ ପାଖ ଜଙ୍ଗଲକୁ ଯାଇ ଡାଳପତ୍ର ସାହାଯ୍ୟରେ ତଳେ ପଡିଥିବା ଶୁଖିଲା ପତ୍ରକୁ ନିଆଁ ପାଖରୁ ଅଲଗା କରିଦେଇଥିଲେ। ଏଥିସହ ନିଆଁକୁ ଗଛ ଡାଳରେ ପିଟି ପିଟି ଲିଭାଇ ଦେଇଥିଲେ। ପିଲାମାନଙ୍କ ଏପରି କାର୍ଯ୍ୟ ସମ୍ପର୍କରେ ଜାଣିବା ପରେ ଗ୍ରାମବାସୀ ସେମାନଙ୍କ ସାହସିକତାକୁ ପ୍ରଶଂସା କରିଛନ୍ତି। ପେଚାମୁଣ୍ଡି ସରପଞ୍ଚ ରମେଶ ପ୍ରଧାନ ସମ୍ପୃକ୍ତ ପିଲାମାନଙ୍କୁ ଭେଟିବା ସହିତ ସମ୍ମାନିତ କରିଛନ୍ତି। ଏ ସମ୍ପର୍କରେ ଜମର ଫରେଷ୍ଟର ସୁଧାଂଶୁ ବେହେରା କହିଛନ୍ତି, ଏହି କାର୍ଯ୍ୟ କରିଥିବା ଅଞ୍ଚଳର ନାବାଳିକାମାନଙ୍କୁ ସାଧୁବାଦ ଜଣାଉଛି। ଆଗାମୀ ଦିନରେ ବିଭାଗ ପକ୍ଷରୁ ସେମାନଙ୍କୁ ଉତ୍ସାହିତ କରାଯିବା ସହିତ ପ୍ରଶିକ୍ଷଣ ପ୍ରଦାନ କରାଯିବ।

